
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073

ଏକ ନିଆରା ସାପ୍ତାହିକୀ




ବୟସ ଗଣନାର ଆଧାର ବର୍ଷ ନୁହେଁ,
ସାଙ୍ଗ ଓ ସାଥୀ ଲୁହ ନୁହେଁ, ହସ ହିଁ
ଜୀବନର ଅନୁଭୂତି ।
–ଜନ୍ ଲେନନ୍

♦ବର୍ଷ–୨ ♦ସଂଖ୍ୟା–୨୧ ♦ବରଗଡ଼ ♦ ୩୧ ମାର୍ଚ୍ଚ–୬ ଅପ୍ରେଲ୍ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ | ♦VOL-2 ♦ISSUE- 21♦BARGARH ♦ 31 MAR- 6 APL 2023 ♦RS.5/- ♦PAGE-8

୧୮୨୬୮ ଲୋକଙ୍କ ହାତରେ ବନ୍ଧୁକ ପୃଷ୍ଠା–୩➔



ତାରକାଙ୍କ ପ୍ରିୟ ଅତର ପୃଷ୍ଠା–୫➔



୫ ଜି ଯୁଗରେ ଆସୁନି ନେଟ୍‌ୱାର୍କ ପୃଷ୍ଠା–୬➔



'ଉତ୍କଳ ଦିବସ': ଉଜ୍ଜୀବିତ ହେଉଛି ସ୍ମୃତି ପୃଷ୍ଠା–୮➔



# ନକଲି ସାର୍ଟିଫିକେଟ୍ ହାଉଜାଉ

## ନକଲି ସାର୍ଟିଫିକେଟ୍‌ରେ ପୋଷ୍ଟମାଷ୍ଟର ଚାକିରି

## ସାରା ରାଜ୍ୟରେ ଜାଲ୍ ସାର୍ଟିଫିକେଟ୍ ରାକେଟ୍

ଭୁବନେଶ୍ୱର: ୮ମ ପାସ୍ କରିଥିଲେ ମାଟ୍ରିକ୍ ସାର୍ଟିଫିକେଟ୍, ଯୁକ୍ତ ୨ ପାସ୍ କରିଥିଲେ ଯୁକ୍ତ ୩ ସାର୍ଟିଫିକେଟ୍ ପାଇପାରିବେ । ମେଡିକାଲ ହେଉ କି ଇଞ୍ଜିନିୟରିଂ ଅଥବା ଫାର୍ମାସି, ନର୍ସିଂ, ବିଏଡ୍ ଯେଉଁ ସାର୍ଟିଫିକେଟ୍ ଆବଶ୍ୟକ, ଆପଣଙ୍କ ଘରେ ପହଞ୍ଚିଯିବ । ଯୋଗ୍ୟତା ନ ଥିଲେ ମଧ୍ୟ ସାର୍ଟିଫିକେଟ୍ ଯୋଗାଇ ଦିଆଯିବ । ଗୋଟିଏ ନକଲି ସାର୍ଟିଫିକେଟ୍‌କୁ ଦେଢରୁ ୨ ଲକ୍ଷ ଟଙ୍କା । ଅତ୍ୟଧିକ ଡିମାଣ୍ଡ ଥିଲେ, ୫ ଲକ୍ଷ ଟଙ୍କା । ଖାଲି ଓଡ଼ିଶା ନୁହେଁ, ରାଜ୍ୟ ବାହାରକୁ ବି ଲମ୍ବିଛି ଏଭଳି ଜାଲ୍ ସାର୍ଟିଫିକେଟ୍ ଚେର । ବଲାଙ୍ଗୀର, କେନ୍ଦ୍ରାପଡ଼ା, କନ୍ଧମାଳ, ଫୁଲବାଣୀ, ଗଞ୍ଜାମ, ଢେଙ୍କାନାଳ ଆଦି ଜିଲ୍ଲାରୁ ଧରାପଡ଼ିଛନ୍ତି ପୁଳା ପୁଳା ନକଲି ସାର୍ଟିଫିକେଟ୍ ଧାରୀ । ଯେଉଁମାନେ ଏହି ନକଲି ସାର୍ଟିଫିକେଟ୍ ଦେଇ ହାତେଇଥିଲେ ସରକାରୀ ଚାକିରୀ । ପଶ୍ଚିମରୁ ଉପକୂଳ ଓଡ଼ିଶା, କେଉଁଠି କେଉଁଠି ଲମ୍ବିଛି ନକଲି ସାର୍ଟିଫିକେଟର ଚେର ? କେଉଁ କେଉଁ ବିଭାଗ, କେଉଁ କେଉଁ ଦପ୍ତରରେ ଚୌକି ମାଡ଼ିବସିଛନ୍ତି ଜାଲିଆତି କରିଥିବା କ୍ୟାଣ୍ଡିଡେଟ୍ ? ଏସବୁର ଯେତେଶୀଘ୍ର ପର୍ଦ୍ଦାଫାସ ହେବ, ସେମାନଙ୍କ ପାଇଁ ଚାକିରି ନପାଇ ନିରାଶ ହୋଇଥିବା ମେଧାବୀ ପ୍ରାର୍ଥୀଙ୍କୁ ସେତେ ଶୀଘ୍ର ନ୍ୟାୟ ମିଳିବ ବୋଲି ମତ ପ୍ରକାଶ ପାଇଛି । ଅନ୍ୟପଟେ ନକଲି ସାର୍ଟିଫିକେଟ୍ ଉପରେ ରୋକ୍ ଲାଗି ପାରୁନି । ଯେଉଁମାନେ ଧରାପଡୁଛନ୍ତି, ସେମାନଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହେଉନଥିବା ଏହାର କାରଣ । ଚାକିରିରୁ ବହିଷ୍କାର କରାଯାଉଛି ନ ହେଲେ ଏତଲା ଦେଇ ଚୁପ୍ ବସିଯାଉଛି ବିଭାଗ । ଅଧିକାଂଶ କ୍ଷେତ୍ରରେ ପୋଲିସ୍‌ର ଖୋଳତାଡ଼ ଅଧିକ ହେଉନାହିଁ । ଦୁଇ ତିନି ଜଣଙ୍କୁ ଗିରଫ କରି ଚୁପ୍ ବସିପଡୁଛି ପୋଲିସ୍ । ମୂଳରେ ପହଞ୍ଚିପାରୁ ନାହାନ୍ତି କି କାହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉନି । ଯେଉଁଥିପାଇଁ ଅପରାଧୀ ଏବେ ସକ୍ରିୟ ହୋଇପଡ଼ିଛନ୍ତି ।

ସୂଚନାଯୋଗ୍ୟ, ପୂର୍ବରୁ ବଲାଙ୍ଗିରରେ ନକଲି ମାଟ୍ରିକ୍ ସାର୍ଟିଫିକେଟର ଫ୍ୟାକ୍ଟ୍ରିଖୋଲିଥିବା




ମାଷ୍ଟର୍ ମାଇଣ୍ଡ୍ ମନୋଜ ମିଶ୍ର ସହ ୧୯ ଜଣ ଗିରଫ ହୋଇ ଜେଲ୍‌ରେ ଥିବାବେଳେ ଏଇଠୁ ହିଁ ସାରା ରାଜ୍ୟକୁ ଯୋଗାଣର ଚେର ଲମ୍ବିଥିବା କୁହାଯାଉଛି । ଯାହାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି । ଗୋଟିଏ ପଟେ ଡାକ ବିଭାଗରେ ଚାକିରି ପାଇଁ ସାରା ଓଡ଼ିଶାରେ ବଡ଼ଧରଣର ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ଆଉ ଅନ୍ୟପଟେ ଜିଲ୍ଲା ପରେ ଜିଲ୍ଲାକୁ ଡେଇଁ ଚାଲିଛି ନକଲି ସାର୍ଟିଫିକେଟ୍ ଧରାପଡ଼ିବା ଘଟଣା । ବଲାଙ୍ଗୀର ପରେ କେନ୍ଦ୍ରାପଡ଼ା ଜିଲ୍ଲାରେ ନକଲି ମାଟ୍ରିକ୍ ସାର୍ଟିଫିକେଟ୍ ଦାଖଲ କରି ଡାକ ବିଭାଗରେ ଚାକିରି ପାଇଁ ଜଣେ ପ୍ରାର୍ଥୀ ଆବେଦନ କରିଥିବା ଘଟଣା ସାମ୍ନାକୁ ଆସିଛି । ଏହାପରେ ଫୁଲବାଣୀ ଡାକ ବିଭାଗରେ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ପ୍ରମାଣପତ୍ର ଯାଞ୍ଚ ବେଳେ ଏଠି ବାହାରିଲା ଜାଲ ମାଟ୍ରିକ ସାର୍ଟିଫିକେଟ୍ । ସେଇ ସମାନ ଘଟଣା ବାହାର ରାଜ୍ୟର ସାର୍ଟିଫିକେଟ୍ । ମାଟ୍ରିକରେ ଆଖି ଖୋସିହେଇଯିବା ଭଳି ନମ୍ବର । ଫୁଲବାଣୀ ଡାକ ମଣ୍ଡଳ ପକ୍ଷରୁ ୮୫ଟି ଶାଖା ପୋଷ୍ଟମାଷ୍ଟର୍ ଓ ସହକାରୀ ପୋଷ୍ଟମାଷ୍ଟର୍ ପଦବୀ ପାଇଁ ➔ପୃଷ୍ଠା–୭

## ସମ୍ପାଦକୀୟ

ମୁଣ୍ଡବିନ୍ଧାର ଚିକିତ୍ସା ମୁଣ୍ଡକାଟ୍ ?

## ମନ୍ଦିର ଭିତରେ ଅଘଟଣ

## କୂଅରେ ପଡ଼ି ୩୬ ମୃତ

ଇନ୍ଦୋର: ଇନ୍ଦୋର ବେଲେଶ୍ୱର ମହାଦେବ ମନ୍ଦିରରେ ଗୁରୁବାର ଦିନ ରାମନବମୀରେ ଅବସରରେ ଘଟିଛି ଏକ ବଡ଼ ଅଘଟଣ । ପୂଜା ଚାଲିଥିବା ବେଳେ ଏକ ବାମ୍ଫି କୂଅ ଛାତ ଭୁଶୁଡ଼ି ପଡ଼ିବାରୁ ୩୬ ଜଣଙ୍କର ଜୀବନ ଯାଇଛି ଏବଂ ଅନେକ ଆହତ ମଧ୍ୟ ହୋଇଛନ୍ତି । ମନ୍ଦିରରେ ପ୍ରବଳ ଭିଡ଼ ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଏହି ଘଟଣାକୁ ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ଏଥିସହ ଆହତମାନଙ୍କୁ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଦିଆଯିବା ସହ ପୀଡିତାଙ୍କ ପରିବାର ସହ ଅଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହା ବ୍ୟତୀତ ଏହି ଘଟଣା ସମ୍ପର୍କରେ ଏକ ମାଜିଷ୍ଟ୍ରେଟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ରାମନବମୀ ଅବସରରେ ମନ୍ଦିର ପ୍ରାଙ୍ଗଣରେ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ମନ୍ଦିରରେ ଥିବା ପୁରୁଣା କୂଅର ଛାତ ଉପରେ ଶ୍ରଦ୍ଧାଳୁମାନେ ଛିଡ଼ା ହୋଇଥିଲେ । ଶ୍ରଦ୍ଧାଳୁଙ୍କ ଭିଡ଼ ଯୋଗୁ କୂଅ ଉପରେ ପଡ଼ିଥିବା ଛାତ ଭାର ସମ୍ଭାଳି ନପାରି ଭୁଶୁଡ଼ି ପଡ଼ିଥିଲା । ଫଳରେ ଏହା ଉପରେ ଛିଡ଼ା ➔ପୃଷ୍ଠା–୭

## ଗାଁରେ ଖୋଲିବନି ନୂଆ ମଦ ଦୋକାନ

ଭୁବନେଶ୍ୱର: ଆସିଲା ୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ଅବକାରୀ ନୀତି । ଅବକାରୀ ବିଭାଗ ପକ୍ଷରୁ ଜାରି ହୋଇଛି ନୂଆ ନିୟମ । ରାଜ୍ୟ ସରକାର ଆଇଏମ୍‌ଏଫ୍‌ଏଲ୍ ଉପରେ ଅବକାରୀ ଶୁଳ୍କରେ ସାମାନ୍ୟ ବୃଦ୍ଧି କରିଛନ୍ତି । ଏହା ସହିତ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟରେ ନୂଆ ଠିପି ବନ୍ଦ ମଦ ଦୋକାନ ଖୋଲିବା ପାଇଁ ଅନୁମତି ମିଳିବ ନାହିଁ । ସମସ୍ତ ପ୍ରକାରର ଠିପି ବନ୍ଦ ମଦ ଦୋକାନ ସଂଖ୍ୟା ବୃଦ୍ଧି ଉପରେ କଟକଣା ଜାରି ହୋଇଛି । ତେବେ ଏସବୁ ଦୋକାନର ନବୀକରଣ ପାଇଁ ସରକାର ଅନୁମତି ଦେଇଛନ୍ତି । ସେହିପରି ୨୦୨୩–୨୪ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ କୌଣସି ପ୍ରକାରର ଠିପି ବନ୍ଦ ଲାଇସେନ୍ସ ପ୍ରଦାନ ପାଇଁ ନୂଆ ଆବେଦନ ଗ୍ରହଣ କରାଯିବ ନାହିଁ । କେବଳ ସହରାଞ୍ଚଳରେ ତାରକା ହୋଟେଲ ଓ ଅନ୍ୟ ହୋଟେଲ ଗୁଡ଼ିକର ରୁମ୍ ସଂଖ୍ୟାକୁ ଦୃଷ୍ଟିରେ ରଖି ଅବକାରୀ କମିଶନର ଠିପି ବନ୍ଦ ଲାଇସେନ୍ସ ପ୍ରଦାନ କରିପାରିବେ । ସେହିପରି ସମୁଦ୍ରକୂଳ, ➔ପୃଷ୍ଠା–୭

# ରାଜ୍ୟରେ ମହାବଳଙ୍କୁ ମହାବିପତ୍ତି

## ୧୦ ବର୍ଷରେ ମଲେଣି ୬ ମହାବଳ, ୪୯ କଲରାପତରିଆ

## ଶିକାରୀ ନେଇଛନ୍ତି ୨୯ ବାଘଙ୍କ ଜୀବନ

ଭୁବନେଶ୍ୱର: ଓଡ଼ିଶା ଜଙ୍ଗଲରେ ଅସୁରକ୍ଷିତ ବାଘ ମାମୁଁ । ମହାବଳଙ୍କୁ ଘାରିଛି ମହାବିପତ୍ତି । ଉଭୟ ମହାବଳ ଓ କଲରାପତିଆ ବାଘଙ୍କ ଉପରେ ବଢୁଛି ଶିକାରୀଙ୍କ ଲୋଲୁପ ଦୃଷ୍ଟି । ନିୟମିତ ବ୍ୟବଧାନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବାଘ ମୃତ୍ୟୁ ଖବର ଆସୁଥିବା ବେଳେ ଶିକାରୀଙ୍କଠାରୁ ବାଘଛାଲ ଜବତ ହେଉଛି । ଏହି ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଛି । ଯାହାଦ୍ୱାରା ଖୁବ କମ୍ ଦିନ ମଧ୍ୟରେ ଓଡ଼ିଶା ଜଙ୍ଗଲ ବାଘ ଶୂନ୍ୟ ହେବା ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି । ରାଜ୍ୟର ବିଭିନ୍ନ ଜଙ୍ଗଲରେ ଏହି ଦୁଇ ପ୍ରଜାତିର ବାଘ ରହୁଥିବା ବେଳେ ମହାବଳଙ୍କ ସଂଖ୍ୟା ଏବେ ହାତଗଣତିରେ ସିମୀତ । ଓଡ଼ିଶାରେ ଗତ ୧୦ ବର୍ଷ ଅର୍ଥାତ୍ ୨୦୧୨–୧୩ରୁ ୨୦୨୧–୨୨ ଭିତରେ ୨୯ ବାଘଙ୍କୁ ଶିକାରୀ ମାରିଛନ୍ତି । ସେଥିମଧ୍ୟରେ ୩ଟି ମହାବଳ, ୨୬ଟି କଲରାପତରିଆ ବାଘ ରହିଛନ୍ତି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି । ଓଡ଼ିଶାରେ ବନ୍ୟଜନ୍ତୁଙ୍କ ଶିକାର କରି ଛାଲ, ଦାନ୍ତ, ନଖ ଆଦି ଚୋରାଚାଲାଣ ପାଇଁ ର୍‍ୟାକେଟ୍ ସକ୍ରିୟ ରହିଛି । ବନବିଭାଗ କାଁ ଭାଁ ଶିକାରୀଙ୍କୁ ଗିରଫ କରୁଥିବାବେଳେ ର୍‍ୟାକେଟ୍ ଚଳାଇଥିବା ବ୍ୟକ୍ତିଙ୍କଠାରେ ପହଞ୍ଚିପାରୁ ନ ଥିବା ବନ୍ୟପ୍ରାଣୀ ପ୍ରେମୀମାନେ ଅଭିଯୋଗ କରିଆସୁଛନ୍ତି । ୧୦ ବର୍ଷରେ ଯେଭଳି ବାଘଙ୍କ ମୃତ୍ୟୁ ଘଟିଛି ତା' ଜାରି ରହିଲେ ରାଜ୍ୟର ଚିଡିଆଖାନାରେ ସେମାନଙ୍କ ସଂଖ୍ୟା ସୀମିତ ରହିବ ବୋଲି କ୍ଷୋଭ ପ୍ରକାଶ ପାଇଛି ।

ରାଜ୍ୟରେ ୨୮ଟି ମହାବଳ ଓ ୭୬୦ଟି କଲରାପତରିଆ ବାଘ ଅଛନ୍ତି । ୧୦ ବର୍ଷ ମଧ୍ୟରେ ୬ଟି ମହାବଳ ବାଘ ଓ ୪୯ କଲରାପତରିଆ ବାଘ ମରିଛନ୍ତି । ସେଥିରୁ ୩ଟି ମହାବାଘ ଏବଂ ୨୬ଟି କଲରାପତରିଆ ଶିକାରୀ ଦ୍ୱାରା ମରିଛନ୍ତି । ସେହିପରି ୧୦ ବର୍ଷରେ ୪୯ କଲରାପତରିଆ ବାଘ ମରିଥିବା ବେଳେ ୨୬ଟି ଶିକାରୀ ଦ୍ୱାରା ମରିଛନ୍ତି । ➔ପୃଷ୍ଠା–୭



# ମୁଣ୍ଡବିନ୍ଧାର ଚିକିତ୍ସା ମୁଣ୍ଡକାଟ୍ ?

ଅତିଥି ଦେବୋଭବ। ବୈଦ୍ୟ ଦେବୋଭବ। ଭାରତୀୟ ସଂସ୍କୃତିରେ ଭାରତୀୟ ସଂସ୍କୃତିରେ ମାତା, ପିତା, ଗୁରୁଙ୍କ ସହ ବୈଦ ଓ ଅତିଥିଙ୍କୁ ମଧ୍ୟ ଦେବତା ସହ ତୁଳନା କରାଯାଇଛି। ଜୀବନ ଅଛି ମାନେ ରୋଗ ଅଛି। ସେ ଗଛବୃଛ ହେଉ ବା ପଶୁପକ୍ଷୀ ବା ମଣିଷ କେବେ ନା କେବେ କିଛି ନା କିଛି ରୋଗ ହେବା ସ୍ୱାଭାବିକ। ରୋଗ ଚିକିତ୍ସା ଲାଗି ଲୋଡା ବଇଦ। ବାସ୍ତବରେ ଦେଖିବାକୁ ଗଲେ ମାଆ ବାପା ସନ୍ତାନକୁ ଜନ୍ମ ଦେବା ପରେ ଏନ୍ତୁଡି ଶାଳରୁ ମଶାଣି ପର୍ଯ୍ୟନ୍ତ ଜୀବନ ଯାତ୍ରାରେ ଯଦି ଆଉ କାହାର ଜରୁରୀ ଆବଶ୍ୟକ ପଡେ ତାହା ହେଉଛି ବଇଦଙ୍କର। ଆଧୁନିକ ଭାଷାରେ ଡାକ୍ତର। ତେଣୁ ଡାକ୍ତର ହେଉଛନ୍ତି ଦେବତା ସମାନ।

କିନ୍ତୁ ଆଜିର ଚିତ୍ର ବିକୃତ ହୋଇଯାଇଛି। ବାଘ ଖାଇବାଠୁ ତାହାର ଘୋଷଡା ଯେପରି ଅଧିକ କଷ୍ଟକର, ସେହି ପରି ଆମ୍ ଆଦମୀ ଲାଗି ଅନେକ ସ୍ଥଳରେ ଚିକିତ୍ସିତ ହେବା ସମାନ ପରିସ୍ଥିତି ସୃଷ୍ଟି କରୁଛି। ଡାକ୍ତରଙ୍କ ଦ୍ୱାରା ଯମଯନ୍ତ୍ରଣା ଭୋଗୁଥିବା ରୋଗୀ ଓ ତାହାର ଆତ୍ମୀୟ ସ୍ୱଜନ  ଯମ ଦେବତା ଆସି ଜୀବନ ନେଇଯିବା ଅଧିକ ଶ୍ରେୟସ୍କର ବୋଲି ଚିନ୍ତା କରୁଛନ୍ତି। ଉଦାହରଣ ଭାବେ ଦିଲ୍ଲୀ ସଫଦରଜଙ୍ଗସ୍ଥିତ ମେଡିକାଲ କଲେଜ ହସ୍ପିଟାଲର ଜଣେ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ମନିଷ ରାଓ୍ୱତଙ୍କୁ ନିଆଯାଇପାରେ। ରୋଗୀଙ୍କୁ ଅଧିକ ଧ୍ୟାନ ଓ ଅସ୍ତ୍ରୋପଚାରରେ ପ୍ରାଥମିକତା ଦିଆଯିବାର ପ୍ରଲୋଭନ ଦେଖାଇ ହଜାର ହଜାର ଟଙ୍କା ଲୁଟିଛନ୍ତି। ଗୋଟିଏ ଗୋଟିଏ ସ୍ଥାନରେ ତ ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ। ରୋଗ ଯେତେ ଅଧିକ ଜଟିଳ, ରୋଗୀଙ୍କ ସ୍ୱାସ୍ଥ୍ୟ ସ୍ଥିତି ଯେତେ ସଙ୍ଗୀନ, ଲାଞ୍ଚୁଆ ଡାକ୍ତରଙ୍କ ଲାଗି ତାହା ଶୋଷଣ ଲାଗି ସେତେ ଅଧିକ ପ୍ରଶସ୍ତ। କଞ୍ଚେ ପୁଅ ବାର ରକମ।

ଏହି ଚରିତ୍ରର ଡାକ୍ତର ରକ୍ତପାୟୀ ଦାନବଠାରୁ ଆହୁରି ଭୟଙ୍କର ଓ ମାରାତ୍ମକ। ଏଭଳି ଦାନବ ଡାକ୍ତରଙ୍କ ଅଭାବ ଭାରତ ବର୍ଷରେ ନାହିଁ। ସରକାରୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଏମାନଙ୍କ ବିଶେଷ ଚରାବୁଲା। ଏମାନେ ଯେ ନିଜେ ଖାଲି ରୋଗୀ ଓ ତାହାର ପରିଜନଙ୍କ ରକ୍ତ ପିଅନ୍ତି ତାହା ନୁହେଁ, ଔଷ ଦୋକାନ, ଘରୋଇ ନିଦାନ କେନ୍ଦ୍ରଙ୍କୁ ବି ଶୋଷଣର ସୁଯୋଗ ଦିଅନ୍ତି। ରୋଗୀ ଲାଗି ସୁବିଧାଜନକ ନିଦାନ କେନ୍ଦ୍ରର ଏମଆରଆଇ, ସିଟି ସ୍କାନ, ଅଲଟ୍ରା ସାଉଣ୍ଡ ରିପୋର୍ଟ ଏମାନଙ୍କୁ କୁଆଡେ ଭୁଲ୍ ଭୁଲ୍ ଲାଗେ। ଏମାନେ ଇଙ୍ଗିତ କରିଥିବା ଔଷ ଦୋକାନର ଔଷଧ ଓ ନିଦାନ କେନ୍ଦ୍ରର ରିପୋର୍ଟ ହିଁ କୁଆଡେ ଭଲ। ହୋଲସେଲ୍‌ରେ ୧୦୦ ଟଙ୍କାରେ ମିଳୁଥିବା ଔଷଧ ଡାକ୍ତରଙ୍କ ଦ୍ୱାରା ସୁପାରିସ ହୋଇଥିବା ଔଷଧ ଦୋକାନରେ ରିଟେଲ୍‌ରେ୧୫୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ପଡେ। କମିଶନ ଯାଏ ଡାକ୍ତରଙ୍କ ପାଖକୁ। ରୋଗୀ ବିଚାରା ଦୁଇଗୁଣ ମୂଲ୍ୟ ଦେଇ ଆଣିବାକୁ ବାଧ୍ୟ। ଜୀବନ ମରଣ କଥା। ପଇସାକୁ ଦେଖିବ ନା ରୋଗ ଭଲ ହେବା ଚାହିଁବ? ସବୁ ଜାଣିଶୁଣି ଡାକ୍ତର, ଔଷ ଦୋକାନୀ ଓ ନିଦାନବାଲାଙ୍କ ଦ୍ୱାରା ନିଜକୁ ଆର୍ଥିକ ଭାବେ ବଳାତ୍କାର ହେବାକୁ ଛାଡିଦିଏ। ଗାଁ ଗହଳିରେ ଥିବା ପିଏଚସି (ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)ରୁ ସରକାରୀ ମେଡିକାଲ କଲେଜ୍ ପର୍ଯ୍ୟନ୍ତ ସବୁଠି ଚିତ୍ର ସମାନ। ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ନିଦାନ ଯନ୍ତ୍ରପାତି ଥିଲେ ତାକୁ ଚଳାଇବାକୁ ଉପଯୁକ୍ତ ତାଲିମ ପ୍ରାପ୍ତ ବ୍ୟକ୍ତି ନ ଥାନ୍ତି।  ତାଲିମପ୍ରାପ୍ତ ବ୍ୟକ୍ତି ଥିଲେ ଯନ୍ତ୍ରପାତି ଅଚଳ। ଯନ୍ତ୍ରପାତି ଖରାପ ପଡେ ନା ତାହାକୁ ଅଚଳ ହେବାର ବ୍ୟବସ୍ଥା କରାଯାଏ, ତାହା ଏକ ବଡ ପ୍ରଶ୍ନବାଚୀ। ରୋଗୀଙ୍କଠାରୁ ନାନା ମାର୍ଗରେ ଲୁଟ୍‌ରେ ସମସ୍ୟା ସରିଯାଉ ନାହିଁ ବୋଲି ଏବେ ହୃଦୟଙ୍ଗମ ହେଉଛି। ଦେଶର ନାଗରିକଙ୍କୁ ସ୍ୱାସ୍ଥ୍ୟ ସେବା ସରକାରୀ ଭାବେ ସହଜ ଓ ସୁଲଭ ଢଙ୍ଗରେ ଯୋଗାଇ ଦେବା ଲାଗି ଆଇନ ବି ଜୋକ ଡାକ୍ତରଙ୍କ ଲାଗି ଗ୍ରହଣୀୟ ହେଉ ନ ଥିବା ଏବେ ଜଣାପଡିଛି। ଭାରତୀୟ ଡାକ୍ତର ସଂଘ ଭଳି ଅତି ସମ୍ମାନଜନକ ସଂଗଠନ ବି ଏଭଳି ଜନହିତକାରୀ ଆଇନକୁ ବିରୋଧ କରିବା ସୂଚାଇ ଦେଉଛି ଯେ ବଇଦ ଆଉ ଦେବତୁଲ୍ୟ ନୁହନ୍ତି।

ଘଟଣାଟି ଏହି ପରି। ରାଜସ୍ଥାନର କଂଗ୍ରେସ ନେତୃତ୍ୱାଧୀନ ସରକାର ନିକଟରେ ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ଏଭଳି ଏକ ବିଲ୍ ଆଣିଛନ୍ତି ଯାହାକି ସିଧାସଳଖ ନ ହେଲେ ବି ପରୋକ୍ଷରେ ସେହି ରାଜ୍ୟବାସୀଙ୍କ ଲାଗି ତୁରନ୍ତ ଉତ୍ତମ ଚିକିତ୍ସାକୁ ଏକ ମୌଳିକ ଅଧିକାର ପର୍ଯ୍ୟାୟକୁ ନେଇଯିବ। ଅର୍ଥାତ୍ ଅର୍ଥ ପାଖରେ ଥାଉ ନ ଥାଉ ସରକାରୀ ବେସରକାରୀ ଡାକ୍ତରଖାନା ନିର୍ବିଶେଷରେ ଜଣେ ରୋଗୀକୁ କେହି ଚିକିତ୍ସିତ ହେବାରୁ ବଞ୍ଚିତ କରିପାରିବେ ନାହିଁ। ଏଭଳି ସ୍ଥିତିରେ ଯାହା ଖର୍ଚ୍ଚ ହେବ ତାହାକୁ ସରକାର ଭରଣା କରିବେ। ଦେଶରେ ପ୍ରଥମ ଥର ଲାଗି କୌଣସି ରାଜ୍ୟ ଏଭଳି ଏକ ଆଇନ ପ୍ରବର୍ତ୍ତନ କରିବାକୁ ଯାଉଛନ୍ତି ଯାହାକୁ ଏକ ପ୍ରଶଂସାଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇପାରିବ। ମାତ୍ର ଡାକ୍ତର ସଂଘ ଏଭଳି ଏକ ପ୍ରଗତିଶୀଳ ଆଧୁନିକ ଚିନ୍ତାଧାରା ସମ୍ପନ୍ନ ବିଲ୍‌କୁ ବିରୋଧ କରିବାକୁ  ଆଗେଇ ଆସିଛନ୍ତି। ଅର୍ଥାତ୍ ସାଧାରଣ ନାଗରିକଟିଏ ସୁବିଧାରେ ନିଜକୁ ଚିକିତ୍ସା କରିବାର ସୁଯୋଗ ପାଆନ୍ତୁ ତାହା ଡାକ୍ତର ସଂଘ ଚାହୁଁନାହିଁ। ସେମାନଙ୍କ ତର୍କ ଅତି ସଂକୀର୍ଣ୍ଣ ଦିଗକୁ ଦେଖାଉଛି। ସେମାନଙ୍କ ବିରୋଧର ପ୍ରମୁଖ କାରଣ ହେଲା ଘରୋଇ ଡାକ୍ତରଖାନାର ଚିକିତ୍ସା ବାବଦ ବ୍ୟୟ ସରକାର ଭରଣ ନ କରିବାର ଆଶଙ୍କା। ସେମାନଙ୍କ ଆଶଙ୍କା କେତେଦୂର ତର୍କ ସଙ୍ଗତ ତାହା ଭିନ୍ନ କଥା। ତାହାକୁ ସତ ବୋଲି ଧରି ନିଆଗଲେ ବି ବିଲ୍‌କୁ ବିରୋଧ କରିବାରେ କୌଣସି ଯଥାର୍ଥତା ନାହିଁ। ମୁଣ୍ଡବ୍ୟଥାର ଚିକିତ୍ସା ମୁଣ୍ଡକାଟ ହୋଇ ନ ପାରେ। ବିଲ୍‌କୁ ବିରୋଧ କରିବା ବଦଳି ବରଂ କେତେଦିନ ଭିତରେ ସରକାର ଚିକିତ୍ସା ଖର୍ଚ୍ଚ ଭରଣା କରିବେ ତାହା ନିର୍ଦ୍ଦିଷ୍ଟ କରନ୍ତୁ ବୋଲି ଡାକ୍ତର ଗୋଷ୍ଠୀ ଦାବି କରିଥିଲେ ତାହା ଯୁକ୍ତିଯୁକ୍ତ ହୋଇଥାନ୍ତା।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା  ଠିକଣା**
ଇମେଲ୍– aadharodisha8@gmail.com
**ଯୋଗାଯୋଗ**–ପ୍ଲଟ୍ ନମ୍ବର–ପି–୪୨, ଲେନ୍–୧, ଫେଜ୍–୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା

# ନାଗରିକ ସାମ୍ବାଦିକତା

ଡକ୍ଟର ପ୍ରଦୀପ ମହାପାତ୍ର

‘ନାଗରିକ ସାମ୍ବାଦିକତା’ ଚିହ୍ନଟ ପ୍ରକ୍ରିୟାରେ କେତେଗୋଟି ଦିଗ ପ୍ରାଧାନ୍ୟ ଲାଭ କରେ । ପ୍ରଥମତଃ, ଜନସାଧାରଣଙ୍କ ଦ୍ୱାରା ସମ୍ବାଦ ସଂଗ୍ରହ, ରଚନା ଓ ଅନଲାଇନ ପ୍ରସାର ସମେତ ସମସାମୟିକ ସମ୍ବାଦ ଅନୁଶୀଳନ, ନାଗରିକ ସାମ୍ବାଦିକତା ନାମିତ । ଦ୍ୱିତୀୟତଃ, ବୃତ୍ତିଧାରୀ ସାମ୍ବାଦିକଙ୍କ ଭିନ୍ନ ଚଳନ୍ତି ଘଟଣା ପ୍ରବାହରେ ରୁଚି ରଖୁଥିବା ମୁକ୍ତବୃତ୍ତି ସାମ୍ବାଦିକ, ସାଧାରଣ ନାଗରିକଙ୍କ ଦ୍ୱାରା ସୋସିଆଲ ମିଡ଼ିଆ, ବ୍ଲଗ ଓ ୱେବସାଇଟରେ କ୍ରମାଗତ ସମ୍ବାଦ ଓ ଅଭିମତ ପ୍ରକାଶନ ନାଗରିକ ସାମ୍ବାଦିକତା ପର୍ଯ୍ୟାୟଭୁକ୍ତ ।

ତୃତୀୟତଃ, ଡ଼ିଜିଟାଲ ମଞ୍ଚରେ ନାଗରିକ ସାମ୍ବାଦିକତାର ଉପସ୍ଥିତି ଓ ସୋସିଆଲ ମିଡ଼ିଆର ଲୋକପ୍ରିୟତାରେ ଉଦବୁଦ୍ଧ ହୋଇ ପାରମ୍ପରିକ ମୁଦ୍ରଣ ଓ ଟେଲିଭିଜନ ମଞ୍ଚଗୁଡ଼ିକ ମଧ୍ୟ କ୍ରମଶଃ ସମ୍ବାଦ ସଂଗ୍ରହ ପ୍ରକ୍ରିୟାରେ ଜନସାଧାରଣଙ୍କୁ ସାମିଲ କରାଇବା ତଥା ବ୍ଲଗ୍ ଓ ୱେବ ସାଇଟରୁ ରଚନା ଉଦ୍ଧାର କରି ପ୍ରକାଶନ କରିବା ଧାରା ମହାମାରୀ–ପର ପରିବେଶରେ ଆଦୃତି ଲାଭ କରିଥିବା ଦେଖାଯାଏ । ଚତୁର୍ଥତଃ, ସୋସିଆଲ ମିଡ଼ିଆରେ ଗଭୀର–ସ୍ଥାନୀୟ–ସମ୍ବାଦ ‘ହାଇପର–ଲୋକାଲ ନିଉଜ’ ପ୍ରସାରଣ ଓ ଲୋକପ୍ରିୟତାକୁ ବିଚାରକୁ ନେଇ ଜନସାଧାରଣଙ୍କ ଦ୍ୱାରା ସଂଗୃହୀତ ସ୍ଥାନୀୟ ତଥ୍ୟ ଓ ଦୃଶ୍ୟ ‘ଭିଡ଼ିଓ’ ସମ୍ବାଦର ଗୁଣବତ୍ତା ବୃଦ୍ଧିରେ ସହାୟକ ହେଉଥିବା ହେତୁ କ୍ରମବିକଶିତ ନାଗରିକ ସାମ୍ବାଦିକତାକୁ ମୂଳସ୍ରୋତର ଗଣମାଧ୍ୟମ ମଞ୍ଚଗୁଡ଼ିକ ଅଣଦେଖା କରିପାରୁ ନାହାନ୍ତି । ପଞ୍ଚମତଃ, ବିଭିନ୍ନ କାରଣରୁ ପାରମ୍ପରିକ ସାମ୍ବାଦିକତା ପ୍ରେସ ବିଜ୍ଞପ୍ତି ‘ପ୍ରେସ ରିଲିଜ’ ଆଧାରିତ ହୋଇପଡୁଥିବା ଏବଂ ଏତଦ୍ୱାରା ସୃଷ୍ଟି ହେଉଥିବା ପାଠକ ଓ ଦର୍ଶକ ବିମୁଖ ପରିବେଶର ମୁକାବିଲା କରିବା ନିମନ୍ତେ ନାଗରିକ ସାମ୍ବାଦିକତା ପ୍ରସାରକୁ ଆନ୍ତର୍ଜାତିକସ୍ତରରେ ସଦ୍ୟତମ ସାଧନ ରୂପେ ବ୍ୟବହୃତ ହେଉଛି ।


ଗଣମାଧ୍ୟମ ଭାଷ୍ୟକାରମାନେ ‘ନାଗରିକ ସାମ୍ବାଦିକତା’ର ଉତ୍ସ ରୂପେ ଦକ୍ଷିଣ କୋରିଆରେ ୨୦୦୦ ମସିହାରେ ଆରମ୍ଭ ହୋଇଥିବା ‘ଓ–ମାଇ–ନିଉଜ’ ନାମକ ୱେବସାଇଟକୁ ଶ୍ରେୟ ଦେଇଥାନ୍ତି । ଏହି ମଞ୍ଚରେ ପ୍ରଥମ ଥର ନିମନ୍ତେ ବୃତ୍ତିଧାରୀ ସାମ୍ବାଦିକଙ୍କ ବ୍ୟତୀତ ଜନସାଧାରଣଙ୍କୁ ସମ୍ବାଦ ସଂଗ୍ରହ ଓ ପ୍ରକାଶନ ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇଥିଲା । କ୍ରମଶଃ ଏହି ତତ୍ତ୍ୱ  ଆନ୍ତର୍ଜାତିକସ୍ତରକୁ ସଂପ୍ରସାରିତ ହେଲା । ଏକ ପକ୍ଷରେ ପ୍ରାକୃତିକ ଓ ମାନବକୃତ ଦୁର୍ଘଟଣା ଘଟିବା କାଳରେ ସ୍ଥାନୀୟ ଜନସାଧାରଣ ସ୍ମାର୍ଟଫୋନରେ ଖଚିତ କ୍ୟାମରାରେ ଚିତ୍ର ଉତ୍ତୋଳନ କରି ସୋସିଆଲ ମିଡ଼ିଆରେ ଅପଲୋଡ଼୍ କରିବା ଲୋକାଦୃତି ଲାଭ କରିଥିଲା । ଏହି କ୍ଷେତ୍ରରେ ଘଟଣା ଓ ତୁରନ୍ତ ପ୍ରସାରଣ ପ୍ରାଧାନ୍ୟ ଲାଭ କରୁଥିବା ହେତୁ ଚିତ୍ର କିମ୍ବା ପାଠ୍ୟର ଗୁଣବତ୍ତା ବିଚାର ପଛରେ ପଡ଼ିଯାଇଥିଲା । ବୃତ୍ତିଧାରୀ ସାମ୍ବାଦିକ ଓ ଟେଲିଭିଜନ ଟିମ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଭାଇରାଲ ସମ୍ବାଦଟି ଇତିହାସ ପୃଷ୍ଠାକୁ ଆସିଯାଇଥାଏ । ଫଳରେ ପାରମ୍ପରିକ ସାମ୍ବାଦିକତା କେବଳ ଅନୁଶୀଳନ ଓ ଅନୁସନ୍ଧାନସ୍ତରରେ ସୀମିତ ରହେ ।

ଅପରପକ୍ଷେ, ଏକବିଂଶ ଶତାବ୍ଦୀ ଆରମ୍ଭରୁ ବିଭିନ୍ନ ରାଷ୍ଟ୍ରରେ ସଂଘଟିତ ରାଜନୀତିକ ସଂଘର୍ଷ କାଳରେ ପାରମ୍ପରିକ ଗଣମାଧ୍ୟମ ମଞ୍ଚଗୁଡ଼ିକୁ ସ୍ଥାନୀୟ ସରକାରୀ କଳ ପକ୍ଷରୁ ସମ୍ବାଦ ଓ ଅଭିମତ ପ୍ରସାରଣ ବାରଣ କରାଯାଉଥିବା ଲକ୍ଷ୍ୟ କରାଯାଏ । ଏହି ଅବସରରେ ଇଣ୍ଟରନେଟ ବନ୍ଦ ‘ସଟ–ଡ଼ାଉନ’ ସତ୍ତ୍ୱେ  ବିକଳ୍ପ ବୈଷୟିକ କୌଶଳ ଅବଲମ୍ବନରେ ନାଗରିକ ସାମ୍ବାଦିକତା ସମ୍ବାଦ ପ୍ରସାରଣ ଓ ସମୀକ୍ଷା ବଳବତ୍ତର ରହୁଥିବା ଉଦାହରଣର ଅଭାବ ନଥାଏ । ସ୍ଥଳବିଶେଷରେ କେତେକ ଅଞ୍ଚଳରେ ବର୍ଷ ବର୍ଷ ବ୍ୟାପୀ ରାଜନୀତିକ ଅରାଜକତା ଲାଗି ରହୁଥିବା ତଥା ଯୁଦ୍ଧ, ଗୃହଯୁଦ୍ଧ ପ୍ରପୀଡ଼ିତ ସମାଜରେ ନାଗରିକ ସାମ୍ବାଦିକତା ଗୁରୁତ୍ୱ ଲାଭ କରୁଛି ।

କୋଭିଡ଼–୧୯ ମହାମାରୀ ପୂର୍ବାବସ୍ଥାରେ ଏସୀୟ ମହାଦେଶକୁ ବାଦ ଦେଇ ଅନ୍ୟତ୍ର ଡ଼ିଜିଟାଲ ମଞ୍ଚର ପ୍ରସାର ପରେ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପ ବିଜ୍ଞାପନ ଓ ପ୍ରସାର ହ୍ରାସ କାରଣରୁ ବିଘଟନର ଶୀକାର ହୋଇଥିଲା । ତେବେ ମହାମାରୀ–ପର ଅବସ୍ଥାରେ ବିଭିନ୍ନ କାରଣରୁ ସର୍ବତ୍ର ମୂଳସ୍ରୋତର ଗଣମାଧ୍ୟମ ମଞ୍ଚଗୁଡ଼ିକ ପ୍ରତି ପାଠକଙ୍କ ବିଶ୍ୱସନୀୟତା ହାନୀ, ଉପଭୋକ୍ତାଙ୍କ ଗଣମାଧ୍ୟମ ମଞ୍ଚ ବିମୁଖ ମନୋଭାବ ଓ ପାରମ୍ପରିକ ମୁଦ୍ରିତ ସମ୍ବାଦପତ୍ର ବ୍ୟବସାୟ ଲାଭଜନକ ହୋଇପାରୁନଥିବା ଭଳି ସମସ୍ୟା ଘେରରେ ବନ୍ଦୀ । ଏହି ପରିବେଶରେ ମୁଦ୍ରିତ ସମ୍ବାଦପତ୍ରକୁ ଆକର୍ଷଣୀୟ କରିବା, ଡ଼ିଜିଟାଲ ମଞ୍ଚର ମୁକାବିଲା ତଥା ବିଶ୍ୱସନୀୟତା ଫେରାଇ ଆଣିବା ଉଦ୍ଦେଶ୍ୟରେ ବିକଳ୍ପ ବ୍ୟାବସାୟିକ ମଡ଼େଲମାନ ପରୀକ୍ଷା କରାଯାଉଛି । ସେହି ଭିଡ଼ରେ ଗଭୀର–ସ୍ଥାନୀୟ–ସମ୍ବାଦ ପରିବେଷଣ ଉଦ୍ଦେଶ୍ୟରେ ନାଗରିକ ସାମ୍ବାଦିକତା ପ୍ରତି ଗୁରୁତ୍ୱାରୋପ ଅନ୍ୟତମ ।

ମୁଦ୍ରିତ ସମ୍ବାଦପତ୍ର ଓ ଡ଼ିଜିଟାଲ ସମ୍ବାଦ ୱେବସାଇଟଗୁଡ଼ିକରେ ନାଗରିକ ସାମ୍ବାଦିକତା ପ୍ରବର୍ତ୍ତନ ପ୍ରଣାଳୀ ଗୋଟିଏ ପ୍ରକାଶନଠାରୁ ଅନ୍ୟଟି ଭିନ୍ନ । କେତେକ ମୁଦ୍ରିତ ସମ୍ବାଦପତ୍ର ସପ୍ତାହକୁ କେତେଥର ବା ପ୍ରତି ସଂସ୍କରଣର କେତେ ପୃଷ୍ଠା ନାଗରିକ ସାମ୍ବାଦିକତା ପ୍ରତି ଉତ୍ସର୍ଗ କରିଥାନ୍ତି । ସାଧାରଣତଃ ସାଧାରଣ ନାଗରିକଙ୍କ ଦ୍ୱାରା ପ୍ରେରିତ ସମ୍ବାଦ, ଆଲୋକଚିତ୍ର ବା ଭିଡ଼ିଓଗୁଡ଼ିକୁ ସମ୍ବାଦ ମଞ୍ଚରେ ଅବସ୍ଥାପିତ ସମ୍ପାଦକମାନେ ତନଖି ସାରିବା ପରେ ପ୍ରକାଶନର ବ୍ୟବସ୍ଥା କରାଯାଇଥାଏ । ଗଭୀର–ସ୍ଥାନୀୟ–ସମ୍ବାଦର ସ୍ରୋତକୁ ନିରନ୍ତର ଉଜ୍ଜୀବିତ ରଖିବା ନିମନ୍ତେ ସମାଜର ବିଭିନ୍ନ ଶ୍ରେଣୀ ତଥା ଭୌଗଳିକ ପରିବେଶରୁ ଆଗ୍ରହୀ ପାଠକମାନଙ୍କୁ ଚିହ୍ନଟ କରାଯାଇ ସମ୍ବାଦ ମଞ୍ଚ ପକ୍ଷରୁ ବରାବର ସଂପର୍କ ସ୍ଥାପିତ ହୋଇଥାଏ । ତଥ୍ୟଗତ ତୃଟି, ମାନହାନୀ ଓ ସମ୍ବାଦ ପରିବେଷଣରେ ଗୁଣବତ୍ତା ବୃଦ୍ଧି ନିମନ୍ତେ ସମ୍ପାଦକମାନେ ନାଗରିକ ସାମ୍ବାଦିକଙ୍କୁ ସହଯୋଗ କରିଥାନ୍ତି ।

ଓଡ଼ିଶା ସାମ୍ବାଦିକତା କ୍ଷେତ୍ରରେ ସମ୍ବାଦପତ୍ର ଉନ୍ମେଷ କାଳରୁ ଗ୍ରାମାଞ୍ଚଳରୁ ଅନ୍ୟ ବୃତ୍ତିରେ ନିୟୋଜିତ ବ୍ୟକ୍ତିଗଣ ସମ୍ବାଦ ପ୍ରେରଣ କରିଆସିଛନ୍ତ । ସମ୍ବାଦପତ୍ର ପକ୍ଷରୁ ବ୍ଲକ ବା ଗ୍ରାମପଞ୍ଚାୟତସ୍ତରରେ ସ୍ଥାନୀୟ ବାସିନ୍ଦା ଜଣେ ମାତ୍ର ସମ୍ବାଦଦାତା ଚିହ୍ନଟ କରିଥାନ୍ତି । କିନ୍ତୁ ନାଗରିକ ସାମ୍ବାଦିକତା ପ୍ରଚଳନରେ ଯେ କୌଣସି ବ୍ୟକ୍ତି ସମ୍ବାଦ ପ୍ରେରଣର ସୁଯୋଗ ପାଇବେ ଏବଂ ନିୟମିତ ସମ୍ବାଦ ପ୍ରେରଣର ବାଧ୍ୟବାଧକତା ରହିବ ନାହିଁ । ଫଳରେ ସମ୍ବାଦ ସଂଗ୍ରହ, ରଚନା ଓ ପ୍ରକାଶନ କ୍ଷେତ୍ରରେ ଗଣତାନ୍ତ୍ରିକ ପରିବେଶ ସୃଷ୍ଟି ସଂଭବ । ଭାରତୀୟ ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକ ନାଗରିକ ମୁକ୍ତ ମତ ପ୍ରକାଶନର ହକଦାର ଏବଂ ବୃତ୍ତିଧାରୀ ସାମ୍ବାଦିକମାନେ ତତ୍ ଭିନ୍ନ କୌଣସି ଅଧିକାର ଉପଭୋଗ କରିନଥାନ୍ତି । ନାଗରିକ ସାମ୍ବାଦିକତା ନାଗରିକଙ୍କୁ ପାରିପାର୍ଶ୍ୱିକ



ପରିବେଶ ସଂପର୍କରେ ଟୀକା–ଟୀପ୍ପଣି ମୂଳସ୍ରୋତର ସମ୍ବାଦପତ୍ରରେ ପ୍ରକାଶନର ସୁଯୋଗ ସୃଷ୍ଟି କରିଥାଏ । ଏହା ପ୍ରଶାସନିକ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ, ଜନଜୀବନ ସମସ୍ୟା ସମାଧାନର ସୂତ୍ର ନିର୍ଦ୍ଧାରଣ ଓ ରାଜନୀତିକ ମତବାଦ ବିଚାର ବିମର୍ଷରେ ସହାୟକ ହେବା ସୁସ୍ପଷ୍ଟ । ଓଡ଼ିଶାର ମୁଦ୍ରିତ ସମ୍ବାଦପତ୍ର ଭାରତ ସ୍ୱାଧୀନତା ପ୍ରାପ୍ତି ଯାଏଁ ଲୋକାଭିମୁଖୀ ଆଭିମୁଖ୍ୟ ଗ୍ରହଣ କରି ଆସିଥିଲା । ସମ୍ବାଦପତ୍ର ବ୍ୟବସାୟ ବଦଳରେ ଲୋକସେବା ପର୍ଯ୍ୟାୟଭୁକ୍ତ ହେଉଥିଲା । ଫଳରେ ରାଜନୀତିକ ଆନ୍ଦୋଳନ, ସମାଜ ସଂସ୍କାର ଓ ସାଂସ୍କୃତିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସମ୍ବାଦପତ୍ର ପ୍ରକାଶନ ନିମନ୍ତେ ଅନୁଦାନ ଦେଇ ଆସୁଥିଲେ । ସ୍ୱାଧୀନୋତ୍ତର ଅବସ୍ଥାରେ ଜାତୀୟସ୍ତରରେ ଆଞ୍ଚଳିକ ଭାଷାଗୁଡ଼ିକରେ କ୍ରମବିକଶିତ ମଡ଼େଲ ଅନୁସରଣରେ ସରକାରୀ ବିଜ୍ଞାପନ ଆଶ୍ରିତ ପରିବେଶରେ ପହଞ୍ଚିଥିଲା । ବ୍ୟାବସାୟିକ ବିଜ୍ଞାପନ ପ୍ରସାର ଦୌଡ଼ରେ ଅଗ୍ରଣୀ ଦୁଇ ତିନିଗୋଟି ସମ୍ବାଦପତ୍ର ଏବଂ ପର୍ଯ୍ୟାପ୍ତ ମାତ୍ରାରେ ସରକାରୀ ବିଜ୍ଞାପନ ଅଧ ଡ଼ଜନେ ସମ୍ବାଦପତ୍ର ମଧ୍ୟରେ ସୀମିତ ରହୁଥିଲା । ବିଂଶ ଶତାବ୍ଦୀର ଶେଷ ଦୁଇ ଦଶକ ଓ ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ବିପୁଳ ସଂଖ୍ୟକ ମୁଦ୍ରିତ ସମ୍ବାଦପତ୍ର ଆତ୍ମପ୍ରକାଶ କରିଥିଲେ ହେଁ ୯୫ ପ୍ରତିଶତ ବ୍ୟାବସାୟିକ ଓ ସରକାରୀ ବିଜ୍ଞାପନ ଅପେକ୍ଷାରେ ହିଁ ରହିଥିଲେ ।

ଭାରତରେ ଆଞ୍ଚଳିକ ଭାଷାରେ ସୀମିତ ସଂଖ୍ୟକ ସମ୍ବାଦ ଉପଭୋକ୍ତା କାରଣରୁ ଗଣମାଧ୍ୟମ ମଞ୍ଚଗୁଡ଼ିକ ବ୍ୟାବସାୟିକସ୍ତରରେ ଆର୍ଥିକ ସମତୁଲ ରକ୍ଷା କରିପାରନ୍ତି ନାହିଁ । ସରକାରୀ ବିଜ୍ଞାପନ ନିମନ୍ତେ ପ୍ରଚାରଧର୍ମୀ ସାମ୍ବାଦିକତା ପ୍ରଚଳନରେ ବିଶ୍ୱସନୀୟତା ହାନୀ ଓ ସମ୍ବାଦ ବିମୁଖ ପରିବେଶ ସୃଷ୍ଟି ହୁଏ । ହିନ୍ଦି, ତେଲୁଗୁ, ତାମିଲ, ମାଳାୟଲମ ଓ ବଙ୍ଗଳା ଭଳି ପାଠକ ଓ ଦର୍ଶକ ସମୃଦ୍ଧ ରାଜ୍ୟଗୁଡ଼ିକୁ ବାଦ ଦେଲେ ଅନ୍ୟତ୍ର ଗଣମାଧ୍ୟମ ମଞ୍ଚଗୁଡ଼ିକ ସରକାରୀ ଦୟାର ପାତ୍ର ହୋଇଥାନ୍ତି । ଏହି ବିଷଚକ୍ରରୁ ମୁକ୍ତି ପାଇବାଲାଗି ବିକଳ୍ପ ମଡ଼େଲ ପରୀକ୍ଷା ନିରୀକ୍ଷା କରିବା ଯୁକ୍ତିଯୁକ୍ତ ମନେହୁଏ । ଅନ୍ତତଃପକ୍ଷେ ଅନ୍ୟତ୍ର ଯେଉଁ ବ୍ୟାବସାୟିକ ମଡ଼େଲଗୁଡ଼ିକ ସଫଳତା ହାସଲ କରିଛି, ସେଗୁଡ଼ିକର ସ୍ଥାନୀୟ ସଂସ୍କରଣ ଉପଯୋଗ କରାଯାଇପାରେ । ଏହି କ୍ରମରେ ଅବକ୍ଷୟମୁଖୀ ମୁଦ୍ରିତ ସମ୍ବାଦପତ୍ର ଶିଳ୍ପକୁ ଲୋକାଭିମୁଖୀ କରିବା ନିମନ୍ତେ ନାଗରିକ ସାମ୍ବାଦିକତା ପ୍ରଚଳନ କିଛି ମାତ୍ରାରେ ସହାୟକ ହେବା ଆଶା କରାଯାଇପାରେ ।

# ୫ ଟଙ୍କିଆ ଭାତ-ଡାଲମା ପାଇଁ ବର୍ଷକୁ ୪୫ କୋଟି

ଭୁବନେଶ୍ୱର : ବିଭିନ୍ନ ଆହାର କେନ୍ଦ୍ରରେ ଲୋକଙ୍କୁ ୫ ଟଙ୍କିଆ ଭାତ ଡାଲମା ମିଲ୍ ଯୋଗାଣ ପାଇଁ ବର୍ଷକୁ ହାରାହାରି ଭାବେ ୪୫.୩୩ କୋଟି ଟଙ୍କା ବ୍ୟୟ ହେଉଛି । ଏହି ଅର୍ଥ ରାଜ୍ୟ ବଜେଟ୍‌ରୁ ବ୍ୟୟ କରାଯାଏ ନାହିଁ ବୋଲି କହିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ । ବିଜେଡି ବିଧାୟକ ମନୋହର ରନ୍ଧାରୀଙ୍କର ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଆହାର ଯୋଜନାରେ ପ୍ରତିଦିନ ୧୧,୫୫୦ ଲୋକ ୫ ଟଙ୍କାରେ ପେଟପୂରା ମିଲ୍ ୨ ଓଳି ଏବଂ ୬୯,୭୦୦ ଲୋକ ଏକ ଓଳି ଖାଉଛନ୍ତି । ରାଜ୍ୟରେ ବର୍ତ୍ତମାନ ୧୬୭ଟି ଆହାର କେନ୍ଦ୍ର ଅଛି ଏବଂ ପ୍ରତିଦିନ ୮୧,୨୫୦ ଲୋକଙ୍କୁ ଗରମ ରନ୍ଧା ଖାଦ୍ୟ ଦିଆଯାଉଛି । ଆହାର କେନ୍ଦ୍ର ପାଇଁ ବାର୍ଷିକ ହାରାହାରି ୪୫.୩୩ କୋଟି ଟଙ୍କା ଖର୍ଚ୍ଚ ହେଉଛି । ମନ୍ତ୍ରୀ କହିଛନ୍ତି ଯେ ଆହାର ଯୋଜନା ପାଇଁ ବଜେଟ୍‌ରୁ ଅର୍ଥ ବ୍ୟୟ କରାଯାଏ ନାହିଁ । ଆହାର କେନ୍ଦ୍ରର ପରିଚାଳନା ଓ ଖାଦ୍ୟ ସମ୍ବନ୍ଧରେ ତଦାରଖ ପାଇଁ ପ୍ରତ୍ୟେକ ଆହାର କେନ୍ଦ୍ରରେ ନୋଡାଲ୍ ଅଫିସର ଅଛନ୍ତି । ପ୍ରତ୍ୟେକ ପୌରାଞ୍ଚଳରେ ଥିବା ସିଟି ମିଶନ ମ୍ୟାନେଜରମାନଙ୍କୁ ଜିଲ୍ଲା ଆହାର ମ୍ୟାନେଜର ଓ ଷ୍ଟେଟ୍ ମିଶନ୍ ମ୍ୟାନେଜରଙ୍କୁ ରାଜ୍ୟର ଆହର ମ୍ୟାନେଜର ଦାୟିତ୍ୱ ଦିଆଯାଇଛି ।

ଏହାଛଡା ବିଭିନ୍ନ ସମୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ରାଜ୍ୟ ସ୍ତରୀୟ ଅଧିକାରୀ ଆହାର କେନ୍ଦ୍ରଗୁଡିକ ପରିଦର୍ଶନ କରିଥାନ୍ତି । ତେବେ ନିକଟ ଭବିଷ୍ୟତରେ ନୂତନ ଆହାର କେନ୍ଦ୍ର ଖୋଲିବାର କୌଣସି ପ୍ରସ୍ତାବ ନାହିଁ । ଜିଲ୍ଲା ସ୍ତରରୁ ନୂତନ ଆହାର ଖୋଲିବାର ପ୍ରସ୍ତାବ ଆସିଲେ ତାହାର ବିଚାର କରାଯାଇପାରେ । ସେହିଭଳି ଆହାର କେନ୍ଦ୍ର ସଂକ୍ରାନ୍ତରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ପଚାରିଥିବା ଅନ୍ୟଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ୧୬୭ଟି ଆହାର କେନ୍ଦ୍ର ଅଛି ଏବଂ ସେ ସବୁରେ ପ୍ରତିଦିନ ୮୧,୨୫୦ଲୋକଙ୍କୁ ଗରମ ଭାତ ଡାଲମା ଦିଆଯାଉଛି । ସେଥି ମଧ୍ୟରୁ ୫୮ଟି ଆହାର କେନ୍ଦ୍ର ଯେଉଁଗୁଡିକ ଡାକ୍ତରଖାନା ନିକଟରେ ଅବସ୍ଥିତ, ସେଠାରେ ଉଭୟ ଦିନ ଓ ରାତିରେ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ଅଛି । ଆହାର କେନ୍ଦ୍ର ସଂଖ୍ୟା ବଢାଇବାକୁ ଓ ଖାଦ୍ୟରେ କୌଣସି ପରିବର୍ତ୍ତନ କରିବାପାଇଁ ବର୍ତ୍ତମାନ କିଛି ପ୍ରସ୍ତାବ ନଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ୧୮ ହଜାର ୨୬୮ ଲୋକଙ୍କ ହାତରେ ବନ୍ଧୁକ

ଭୁବନେଶ୍ୱର : ରାଜ୍ୟର ୧୮ ହଜାର ୨୬୮ଜଣଙ୍କୁ ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଯାଇଛି । ସେମାନେ ବ୍ୟକ୍ତିଗତ ସୁରକ୍ଷା, ବ୍ୟାଙ୍କ ସମ୍ପତ୍ତି ସୁରକ୍ଷା, କ୍ରୀଡ଼ା ଓ ଟାର୍ଗେଟ୍ ଅଭ୍ୟାସ ପାଇଁ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ରିପୋର୍ଟ ଆଧାରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହି ବନ୍ଧୁକ ଲାଇସେନ୍ସ ପ୍ରଦାନ କରାଯାଇଛି ।



ତେବେ ସର୍ବାଧିକ ଭାବେ କେନ୍ଦୁଝର ଜିଲ୍ଲାରେ ୧୩୨୭ ଜଣଙ୍କୁ ବନ୍ଧୁକ ଲାଇସେନ୍ସ ମିଳିଥିବା ବେଳେ ପଛକୁ ଅନୁଗୁଳରେ ୧୨୦୩ ଜଣ, ବାଲେଶ୍ୱରରେ ୧୧୫୫ ଜଣ, କଳାହାଣ୍ଡିରେ ୯୯୯ ଜଣ, ନୟାଗଡ଼ରେ ୯୨୩ ଜଣ, ସମ୍ବଲପୁରରେ ୮୪୦ ଜଣ, ସୁନ୍ଦରଗଡ଼ରେ ୬୯୪, ଭଦ୍ରକରେ ୬୬୫ ଜଣ, ଯାଜପୁରରେ ୬୩୧ ଜଣ, ପୁରୀରେ ୬୨୦ ଜଣ, କନ୍ଧମାଳରେ ୬୦୬ ଜଣ, ମୟୂରଭଞ୍ଜରେ ୫୫୮ ଜଣ, ଜଗତ୍‌ସିଂହପୁର ଜିଲ୍ଲାରେ ୫୧୮ ଜଣ, କୋରାପୁଟରେ ୪୮୪ ଜଣ, ଝାରସୁଗୁଡ଼ାରେ ୪୨୯ ଜଣ, ଗଞ୍ଜାମରେ ୪୨୯ ଜଣ, ରାଉରକେଲାରେ ୪୧୧ ଜଣ, ଦେବଗଡ଼ ଜିଲ୍ଲାରେ ଭାବେ ୩୬୮ ଜଣ, କେନ୍ଦ୍ରାପଡ଼ାରେ ୩୩୮ ଜଣ, ଖୋର୍ଦ୍ଧାରେ ୩୪୦ ଜଣ, କମିସନରେଟ ପୁଲିସରେ ୩୨୫ ଜଣ, ବ୍ରହ୍ମପୁରରେ ୩୦୯ ଜଣ, ସୋନପୁରରେ ୨୯୧ ଜଣ, ବୌଦ୍ଧରେ ୨୨୫ ଜଣ, ନୂଆପଡ଼ାରେ ୧୭୭ ଜଣ, ଗଜପତିରେ ୧୪୪ ଜଣ, ରାୟଗଡ଼ାରେ ୭୫ଜଣ ଏବଂ ମାଲକାନଗିରିରେ ୧୧ଜଣଙ୍କୁ ଲାଇସେନ୍ସ ମିଳିଛି ।

ସୋମବାର ଦିନ ବିଧାନସଭାରେ କଂଗ୍ରେସ ବିଧାୟକ ତାରପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ତଥ୍ୟ ଉପସ୍ଥାପନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରେ ବେଆଇନ ବନ୍ଧୁକ କାରବାର ଦୃଷ୍ଟିକୁ ଆସିଲେ ସେମାନଙ୍କ ବିରୁଦ୍ଧରେ ଆର୍ମସ ଆକ୍ଟ-୧୯୫୯ର ଧାରା ୨୫/୨୭ରେ ଅଭିଯୋଗ ଦାୟର୍ କରାଯାଏ । ପୋଲିସ୍ ପକ୍ଷରୁ ଏହି ଚୋରା କାରବାର ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ବେଆଇନ ବନ୍ଧୁକଧାରୀ ତଥା ଚୋରା କାରବାର କରୁଥିବା ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ।

# ଧାନ କିଣା ଋଣର ସୁଧ ୬ହଜାର କୋଟି

ଭୁବନେଶ୍ୱର : ରାଜ୍ୟ ସରକାର ଧାନ କିଣିବାପାଇଁ ଯେତିକି ଟଙ୍କା ଋଣ କରିଛନ୍ତି ତାହାର ସୁଧ ପରିମାଣ ୬ହଜାର କୋଟି ଟଙ୍କାକୁ ଟପିଗଲାଣି । ଏଣେ କେନ୍ଦ୍ର ସରକାରଙ୍କ ଉପରେ ବକେୟା ପରିମାଣ ବଢି ବଢି ୧୧ହଜାର କୋଟି ଟଙ୍କାକୁ ଟପିଗଲାଣି ।

ରାଜ୍ୟ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ । ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱାକ୍ଷରିତ ବୁଝାମଣା ଅନୁଯାୟୀ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଧାନ ଓ ଚାଉଳ ସଂଗ୍ରହ କାର୍ଯ୍ୟର ଖର୍ଚ୍ଚ ଭରଣା କରିବାପାଇଁ ପ୍ରତି ତିନିମାସରେ ଅଗ୍ରୀମ ସବସିଡ୍ ପ୍ରଦାନ କରିବାକଥା । କିନ୍ତୁ କେନ୍ଦ୍ର ସରକାର ନିୟମିତ ଭାବରେ ଏହା ଦେଉ ନାହାନ୍ତି ।

୨୦୦୩-୦୪ ଧାନ ସଂଗ୍ରହ ବର୍ଷରୁ ବର୍ତ୍ତମାନ ସୁଦ୍ଧା ଖାଦ୍ୟ ରିଆତି ବାବଦରେ କେନ୍ଦ୍ର ସରକାର ୧୧,୮୩୫ କୋଟି ଟଙ୍କାରୁ ଅଧିକ ରାଜ୍ୟକୁ ଦେଇ ନାହାନ୍ତି । ଏଥିପାଇଁ ଓଡିଶା ରାଜ୍ୟ ଯୋଗାଣ ନିଗମ ୨୫,୧୭୦ କୋଟି ଟଙ୍କା ବ୍ୟାଙ୍କ ଋଣ କରି ସୁଚାରୁ ରୂପେ ଧାନ ସଂଗ୍ରହ କରୁଛନ୍ତି । ଏହି ଋଣ ବାବଦ ସୁଧର ପରିମାଣ ୬୩୦୦ କୋଟି ଟଙ୍କା ହେଲାଣି । ସେହିଭଳି ପ୍ରତିବଦଳ କରାଯାଇଥିବା ଚାଉଳର ନିରୀକ୍ଷଣ କାର୍ଯ୍ୟ ଚଳିତବର୍ଷ ମାର୍ଚ୍ଚ ୨୧ତାରିଖରୁ ଭାରତ ସରକାରଙ୍କ ଅଧିକାରୀମାନେ ମିଳିତ ଭାବରେ ସମ୍ପାଦନ କରୁଥିବା ମନ୍ତ୍ରୀ ତାଙ୍କ ଉଲ୍ଲେଖ କରିଛନ୍ତି ।

# ସରକାରୀ ଡାକ୍ତରଖାନାରେ ୧୬ ହଜାରରୁ ଅଧିକ ଶଯ୍ୟା

ଭୁବନେଶ୍ୱର: ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନାଗୁଡିକରେ ମୋଟ୍ ୧୬,୩୪୫ଟି ଶଯ୍ୟା ରହିଛି । ଏଥି ମଧ୍ୟରୁ ସର୍ବାଧିକ ୭୨୮୮ଟି ଶଯ୍ୟା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡିକରେ ରହିଥିବା ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ।

ବିଜେପି ବିଧାୟକ କୁସୁମ ଟେଟେଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ୫୭୮୯ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୮୫ଟି ଶଯ୍ୟା ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରୁ କ୍ୟାପିଟାଲ୍ ହସ୍ପିଟାଲରେ ସର୍ବାଧିକ ୫୫୭ଟି ଶଯ୍ୟା ଉପଲବ୍ଧ ଅଛି । ସେହିଭଳି ରାଜ୍ୟର ୧୦ଟି ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ୮୪୨୦ଟି ଶଯ୍ୟା ରହିଛି । ଏଥି ମଧ୍ୟରୁ ଏସ୍‌ସିବି କଟକରେ ସର୍ବାଧିକ ୨୭୭୨ଟି ଶଯ୍ୟା ଥିବାବେଳେ ଏମକେସିଜି ବ୍ରହ୍ମପୁରରେ ୧୫୨୭, ଭିମସାର ବୁର୍ଲାରେ ୧୧୮୮ଟି ଶଯ୍ୟା ରହିଛି ।

୨୦୧୪-୧୫ ମସିହାରେ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆନ୍ତଃ ବିଭାଗରେ ୪୫ଲକ୍ଷ ୮୧ହଜାର ୩୫୬ ରୋଗୀ ଓ ବର୍ହିବିଭାଗରେ ୩ କୋଟି ୧୩ ଲକ୍ଷ ୩୯ ହଜାର ୧୪୧ ଜଣ ରୋଗୀ ଚିକିତ୍ସିତ ହୋଇଥିବାବେଳେ ୨୦୨୧-୨୨ରେ ଏହି ସଂଖ୍ୟା ଯଥାକ୍ରମେ ୭୫ଲକ୍ଷ ୪ହଜାର ୨୫ ଏବଂ ୩କୋଟି ୨୨ଲକ୍ଷ ୯୮ହଜାର ୩୭୩ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ।

# ୬ହଜାର ପରିବାରର ଘରଡ଼ିହ ନାହିଁ

ଭୁବନେଶ୍ୱର : ରାଜ୍ୟରେ ଏବେ ବି ଛଅ ହଜାରରୁ ଅଧିକ ପରିବାରଙ୍କ ନିକଟରେ ଘରଡିହ ଖଣ୍ଡେ ନାହିଁ । ଏହି ତାଲିକାରେ ସବୁଠାରୁ ଆଗରେ ବଲାଙ୍ଗିର ଜିଲ୍ଲା ଥିବାବେଳେ ୧୨ଟି ଜିଲ୍ଲାରେ ସମସ୍ତଙ୍କ ନିକଟରେ ଘରଡିହ ରହିଥିବା ଜଣାଯାଇଛି । ରାଜ୍ୟରେ ଘରଡିହହୀନ ବ୍ୟକ୍ତିଙ୍କ ସଂକ୍ରାନ୍ତରେ ନିକଟରେ ରାଜ୍ୟ ବିଧାନସଭାରେ ରାଜସ୍ୱ ଓ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଦେଇଥିବା ସୂଚନାରୁ ଏହା ଜଣାଯାଇଛି । ମନ୍ତ୍ରୀ କହିଛନ୍ତି ଯେ ୨୦୧୮ ମସିହାରେ ହୋଇଥିବା ସର୍ବେକ୍ଷଣ ଅନୁଯାୟୀ ରାଜ୍ୟରେ ମୋଟ୍ ୫୭,୧୧୭ ପରିବାର ଘରଡିହ ଶୂନ ଥିଲେ । ତେବେ ଗତବର୍ଷ ଶେଷ ସୁଦ୍ଧା ୫୦,୯୯୩ ପରିବାରକୁ ରାଜ୍ୟ ସରକାର ଘରଡିହ ପାଇଁ ରାଜ୍ୟ ସରକାର ସରକାରୀ ଜମି ଯୋଗାଇ ଦେଇଛନ୍ତି । ଫଳରେ ଏବେ ରାଜ୍ୟର



୬୧୨୪ ପରିବାର ବିନା ଘରଡିହରେ ବସବାସ କରୁଛନ୍ତି ।

ଘରଡିହ ନ ଥିବା ପରିବାର ମଧ୍ୟରେ ସବଠାରୁ ଅଧିକ ୧୭୯୮ ପରିବାର ବଲାଙ୍ଗିର ଜିଲ୍ଲାରେ ଥିବାବେଳେ ଏହା ପଛକୁ ବରଗଡ ଜିଲ୍ଲାରେ ୧୩୬୭ ପରିବାର ରହିଛନ୍ତି । ସେହିଭଳି ସୁବର୍ଣ୍ଣପୁର ଜିଲ୍ଲାରେ ୭୯୫ ପରିବାର ଥିବାବେଳେ ଦେବଗଡରେ ୪୪୫ ପରିବାର ଅଛନ୍ତି । ତେବେ ଉପକୂଳ ଜିଲ୍ଲା ମଧ୍ୟରେ ପୁରୀରେ ଏବେ ବି ୪୬୭ ଘରଡିହ ଶୂନ୍ୟ ପରିବାର ବସବାସ କରୁଥିବାବେଳେ ଭଦ୍ରକରେ ୫୭, କଟକରେ ୧୧, ଜଗସିଂହପୁରରେ ୨୫ ପରିବାର ରହିଛନ୍ତି । ୧୨ଟି ଜିଲ୍ଲାରେ ସମସ୍ତ ପରିବାର ନିକଟରେ ଘରଡିହ ରହିଥିବା ଜଣାଯାଇଛି ।

ତେବେ ନିଜସ୍ୱ ଘରଡିହ ଟିକା ନଥିବାରୁ ଅନେକ ଗରିବ ପରିବାର ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ବିଶେଷକରି ସେମାନଙ୍କୁ ମୁଣ୍ଡଗୁଞ୍ଜିବାପାଇଁ ସରକାରୀ ଯୋଜନା ଘରଖଣ୍ଡେ ମିଳିପାରୁ ନାହିଁ । ଭତ୍ତା ଠାରୁ ଆରମ୍ଭକରି ମାଗଣା ଚାଉଳ ପାଇବା କ୍ଷେତ୍ରରେ ଏହି ପରିବାରଗୁଡିକ ମଧ୍ୟ ସମସ୍ୟାରେ ପଡୁଛନ୍ତି । ଏପରିକି କେତେକ ପରିବାର ଆଧାରକାର୍ଡ ପ୍ରସ୍ତୁତ କରିପାରୁ ନଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରୁ ବାଦ୍ ପଡୁଛନ୍ତି । ତେବେ ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ସେମାନଙ୍କୁ ଘରଡିହ ଯୋଗାଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରୁଥିବାରୁ ଅବଶିଷ୍ଟ ପରିବାରଗୁଡିକ ଖୁବ୍‌ଶୀଘ୍ର ନିଜସ୍ୱ ଘରଡିହ ପାଇବା ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ପାଇପାରିବେ ବୋଲି ଅଧିକାରୀମାନେ ମତ ଦେଉଛନ୍ତି ।

# ସଡକ ଦୁର୍ଘଟଣାରେ ବର୍ଷକୁ ୫ ହଜାର ମୃତ୍ୟୁ

ଭୁବନେଶ୍ୱର: ସଡ଼କ ଦୁର୍ଘଟଣା କମାଇବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି ଲାଗି ବର୍ଷକୁ କୋଟିଏ ଟଙ୍କାରୁ ଅଧିକ ଖର୍ଚ୍ଚ ହେଉଥିବା ସଡକ ଦୁର୍ଘଟଣାରେ ବର୍ଷକୁ ୫ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଉଛି ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବିଜେଡି ବିଧାୟକ ପଦ୍ମିନୀ ଦିଆନଙ୍କ ଏକ ପ୍ରଶ୍ନରେ ଦେଇଥିବା ଉତ୍ତରରୁ ଏହି ସୂଚନା ମିଳିଛି । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଗତ ୫ବର୍ଷ ଭିତରେ ରାଜ୍ୟରେ ରାସ୍ତା ଦୁର୍ଘଟଣାରେ ୨୫,୯୩୪ ଜଣ ମୃତ୍ୟୁବରଣ କରିଛନ୍ତି ଏବଂ ୫୧,୮୭୩ ଜଣ ଆହତ ହୋଇଛନ୍ତି । ତେବେ ରାସ୍ତା ଦୁର୍ଘଟଣା କମାଇବା ଉଦ୍ଦେଶ୍ୟରେ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସରକାର ଗତ ୫ବର୍ଷ ମଧ୍ୟରେ ମୋଟ୍ ୬.୫୯ କୋଟି ଟଙ୍କା ବ୍ୟୟ କରିଛନ୍ତି ।



ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ ରାଜ୍ୟର ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଇଣ୍ଟେଲିଜେଣ୍ଟ ଟ୍ରାଫିକ ପରିଚାଳନା ବ୍ୟବସ୍ଥାର ପ୍ରଚଳନ କରାଇବାର ଯୋଜନା ରହିଛି । ଏଥି ସହିତ ଦୁର୍ଘଟଣାରେ ଆହତ ମାନଙ୍କୁ ଚିକିତ୍ସା ପାଇଁ ଟ୍ରାଫିକ କନ୍‌ଷ୍ଟେବଳ ଓ ହୋମଗାର୍ଡମାନଙ୍କୁ ତାଲିମ ପ୍ରଦାନ କରାଯିବ । ଏଥି ସହିତ ସଡକ ଦୁର୍ଘଟଣାର ତଦନ୍ତ ପାଇଁ ପୋଲିସ୍ ଓ ପରିବହନ ବିଭାଗର ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି ।

ସେହିଭଳି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂହ ସାଲୁଜା ଓ ଅଧିରାଜ ପାଣିଗ୍ରାହୀଙ୍କ ଅନ୍ୟଏକ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଚାରିଚକିଆ ଯାନ ଚଳାଇବାପାଇଁ ମୋଟ୍ ୧୮,୬୧,୯୦୯ ଜଣ ଲାଇସେନ୍ସ ପ୍ରାପ୍ତ ହୋଇଥିବାବେଳେ ଏଥି ମଧ୍ୟରେ ଛୋଟ ଚାରିଚକିଆ ଯାନ ଚଳାଇବାପାଇଁ ସର୍ବାଧିକ ୧୭,୮୨,୫୦୦ଟି ଲାଇସେନ୍ସ ପ୍ରଦାନ କରାଯାଇଛି । ତେବେ ଭୁବନେଶ୍ୱର ଆରଟିଓ-୧ ଅଧିନରେ ସର୍ବାଧିକ ୧,୭୦,୬୪୯ଟି ଲାଇସେନ୍ସ ପ୍ରଦାନ କରାଯାଇଥିବାବେଳେ ସମ୍ବଲପୁର ଆରଟିଓ ୧,୬୪,୧୯୦, କଟକ ଆରଟିଓ ୧,୨୮,୯୬୩ଟି, ଚଣ୍ଡିଖୋଲ ଆରଟିଓ ୧,୦୯,୫୫୬ଟି ଲାଇସେନ୍ସ ପ୍ରଦାନ କରିଥିବାବେଳେ ସବୁଠାରୁ କମ୍ ୮୬୦୭ଟି ଲାଇସେନ୍ସ ବୌଦ ଆରଟିଓ ପ୍ରଦାନ କରିଛନ୍ତି ।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆଇପିଏଲ୍ ଆରମ୍ଭ

# ମତୁଆଲା କଲେ ଅରିଜିତ, ତମନ୍ନା, ରଶ୍ମିକା

ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଛି ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ସିଜିନ୍ । ମ୍ୟାଚ୍ ପୂର୍ବରୁ ଆଇପିଏଲ୍ ଓପନିଂ ସେରିମନୀ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ହୋଇଥିଲା । ସେରିମନୀ ଦେଖିବା ପାଇଁ ଲକ୍ଷେ ୨୫ ହଜାର ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ । ସନ୍ଧ୍ୟା ୬ଟାରୁ ଆରମ୍ଭ ହୋଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତିନି ତାରକା ଅରିଜିତ ସିଂହ, ତମନ୍ନା ଭାଟିଆ ଏବଂ ରଶ୍ମିକା ମନ୍ଧାନା ପାଖାପାଖି ଘଣ୍ଟାଏ ପର୍ଯ୍ୟନ୍ତ ଦର୍ଶକଙ୍କୁ ମତୁଆଲା କରିଥିଲେ । ପ୍ରାୟ ୪ ବର୍ଷ ପରେ ବିସିସିଆଇ ଆଇପିଏଲର ଓପନିଂ ସେରେମନି ଆୟୋଜନ କରିବାରେ ସଫଳ ହୋଇଛି । ଖୋଲା ଜିପ୍‌ରେ ପଡ଼ିଆ ଭିତର ଦେଇ ମଞ୍ଚକୁ ଆସିବା ପରେ ଅରିଜିତ ପିଆନୋରେ ନିଜ କଳାର ଯାଦୁଗରୀ ଦେଖାଇଥିଲେ । ପରେ 'କେସରିଆ, ଲେହରା ଦୋ, ଚନ୍ନା ମେରେଆ, କବିରା ଓ ଏ ବତନ୍' ଆଦି ଗୀତରେ ଦର୍ଶକଙ୍କୁ ଝୁମାଇଥିଲେ । ପରେ ତମନ୍ନା ଓ ରଶ୍ମିକାଙ୍କ ଆଇଟମ୍ ନମ୍ବର ମଞ୍ଚରେ ନିଆଁ ଲଗାଇଥିଲା । ଅଭିନେତ୍ରୀ ତମନ୍ନା ଭାଟିଆ ୫ ମିନିଟ ପର୍ଯ୍ୟନ୍ତ ତୁନେ ମାରି ଏଣ୍ଟ୍ରି ଏବଂ ଚୌଗାଡା ତେରା ଭଳି ଗୀତରେ ନାଚି ଦର୍ଶକଙ୍କୁ ବିମୋହିତ କରିଥିଲେ । ସେହିପରି ଦକ୍ଷିଣୀ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଶ୍ରୀବଲ୍ଲୀ, ନାଟୁ–ନାଟୁ ଏବଂ ଢୋଲିଆ ଭଳି ଗୀତରେ ନାଚିଥିଲେ । ଏହି ଅବସରରେ ପାଖାପାଖି ୧୫୦୦ ଡ୍ରୋନ୍‌କୁ ନେଇ କରାଯାଇଥିବା ଲାଇଟ୍ ସୋ' ମଧ୍ୟ ଆକର୍ଷଣୀୟ ହୋଇଥିଲା । ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରେ ବିସିସିଆଇ ସଭାପତି ରୋଜର ବିନ୍ନି ଓ ସମ୍ପାଦକ ଜୟ ଶାହଙ୍କ ଉପସ୍ଥିତିରେ ଦୁଇ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଓ ହାର୍ଦ୍ଦିକ ପାଣ୍ଡ୍ୟା ଖୋଲା ଜିପ୍‌ରେ ଆସି ମଞ୍ଚ ଉପରେ ଫଟୋସୁଟ୍ କରାଇଥିଲେ । ଉଦ୍‌ଘାଟନୀ ମୁକାବିଲାରେ ଚେନ୍ନାଇ ସୁପରକିଙ୍ଗ୍ସ ଓ ଗତଥରର ବିଜେତା ଗୁଜରାଟ ଟାଇଟନ୍ସ ମୁହାଁମୁହିଁ ହୋଇଥିଲେ ।


























# ତାରକାଙ୍କ ପ୍ରିୟ ଅତର

କୁହାଯାଏ ବାସ୍ନାରୁ ଜଣଙ୍କ ବ୍ୟକ୍ତିତ୍ୱର ଛାପ ଅନ୍ୟମାନଙ୍କ ମନରେ ଦୀର୍ଘସ୍ଥାୟୀ ହୋଇଥାଏ । ତେଣୁ କେଉଁ ବାସ୍ନାର ଅତର କିଣି ଦେହରେ ଲଗାଇବେ ସେ ନିଷ୍ପତ୍ତି ନେବା ଅନେକଙ୍କ ଲାଗି କଷ୍ଟକର ହୋଇଥାଏ । ନିଜ ବ୍ୟକ୍ତିତ୍ୱ ଓ ପସନ୍ଦ ସହ ଖାପ ଖାଇବା ଭଳି ଅତର କିଣିବା ପୂର୍ବରୁ ଅନେକ ଅନୁସନ୍ଧାନ କରିବାକୁ ପଡ଼େ । ଥରେ ଗୋଟିଏ ଅତର ପସନ୍ଦ ଆସିଲେ ତାହା ବର୍ଷ ବର୍ଷ ଧରି ଆମେ ବ୍ୟବହାର କରିଥାଉ । ବଲିଉଡ୍‌ର ଅନେକ ଅଭିନେତ୍ରୀ ଅନୁରୂପ ଭାବେ ଗୋଟିଏ ଅତର ନିୟମିତ ବ୍ୟବହାର କରୁଥିବା ବେଳେ ଆଉ କିଛି ଅଭିନେତ୍ରୀ ବେଳେ ବେଳେ ଭିନ୍ନ ଅତର ପ୍ରୟୋଗ କରିବାକୁ ପସନ୍ଦ କରନ୍ତି ।

ଦୀପିକା ପାଦୁକୋଣଙ୍କ ପ୍ରିୟ ଅତର ବ୍ରାଣ୍ଡ ହେଉଛି 'ନାର୍ସିସୋ ରୋଡ୍ରିଗିଉଜ୍ (ଫର୍ ହର୍)' । ଏହି ଅତରର ୫୦ ମିଲିଲିଟର୍ ବୋତଲର ମୂଲ୍ୟ ୬୦୦୦ ଟଙ୍କା । କ୍ୟାଟ୍ରିନା କୈଫ୍ ମଧ ଉକ୍ତ ଅତର ଲଗାଇବାକୁ ଭଲପାଆନ୍ତି । ସେ ପସନ୍ଦ କରୁଥିବା ଆଉ ଗୋଟିଏ ଅତର ହେଉଛି 'ଗୁଚି ରସ୍' ଯାହାର ୭୫ ମିଲିଲିଟର୍ ବୋତଲ ପାଇଁ ୭୫୦୦ ଟଙ୍କା ବ୍ୟୟ କରିବାକୁ ପଡ଼ିବ । ସେହିପରି ପ୍ରିୟଙ୍କା ଚୋପ୍ରା 'ଟ୍ରୁସାର୍ଡି ଡୋନ୍ନା ୟୁ ଡି ପରଫ୍ୟୁମ୍' ବ୍ୟବହାର କରନ୍ତି । ଏଥିରୁ ଭାନିଲା ସାଙ୍ଗକୁ ମଲ୍ଲି ଓ ଚନ୍ଦନର ବାସ୍ନା ଚହଟିଥାଏ । ଏହି ଅତରର ୧୦୦ ମିଲିଲିଟର୍ ଶିଶିର ଦାମ ୭୮୦୦ ଟଙ୍କା । ସେହିପରି କିଆରା ଆଡ଼ଭାନୀ ଏକ ସାକ୍ଷାତକାରରେ କହିଥିଲେ ଦୁଇଟି ଅତର ହେଉଛି ତାଙ୍କ ପ୍ରିୟ– 'ମାଇକେଲ୍ କୋର୍ସ' ଓ 'ନାର୍ସିସୋ ରୋଡ୍ରିଗିଉଜ୍' ।

ପ୍ରଥମଟିର ୧୦୦ ମିଲିଲିଟର୍ ବୋତଲର ଦାମ ହେଉଛି ୮୮୦୦ ଟଙ୍କା । 'ମାଇକେଲ୍ କୋର୍ସ'ର ମଲ୍ଲି ଅତର ଅଭିନେତ୍ରୀ ସୋନମ କପୁରଙ୍କର ଖୁବ୍ ପ୍ରିୟ । ସାରା ଅଲ୍ଲୀ ଖାନ କିଛି ବର୍ଷ ତଳେ ପ୍ରକାଶ କରିଥିଲେ ଯେ 'ଚାନେଲ୍ ଏନ୍‌୫' ତାଙ୍କର ପ୍ରିୟ ଅତର କାରଣ ତାହା ତାଙ୍କୁ ମାଆଙ୍କ କଥା ମନେ ପକାଇଦିଏ । ଏଥି ସହିତ 'ରବର୍ଟୋ କାଭାଲ୍ଲି' ନାମକ ଅତର ମଧ ତାଙ୍କର ପ୍ରିୟ । 'ଚାନେଲ୍ ଏନ୍–୫'ର ଦାମ ୧୬୦୦୦ ଟଙ୍କା 'ରବର୍ଟୋ କାଭାଲ୍ଲି'ର ଦାମ ୬୧୭୫ ଟଙ୍କା । ଅନନ୍ୟା ପାଣ୍ଡେ ତାଙ୍କ ମାଆଙ୍କ ପ୍ରିୟ ଅତର 'ଡିଅର୍ ଜେ'ଆଡୋର୍' ବ୍ୟବହାର କରନ୍ତି । ଏହାର ୫୦ ମିଲିଲିଟର୍ ବୋତଲ ପାଇଁ ୯୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । କରୀନା କପୁର ଖାନଙ୍କ ପ୍ରିୟ ଅତର ହେଉଛି 'ଜାଁ ପଲ୍ ଗାଉଲଟାୟାର୍ କ୍ଲାସିକ୍' ଯାହାର ମୂଲ୍ୟ ୮୨୦୦ ଟଙ୍କା । ଏଥିରେ ଅଦା, ଅରେଞ୍ଜ ବ୍ଲସମ୍ ଓ ଭାନିଲାର ମିଶ୍ରିତ ବାସ୍ନା ସନ୍ନିହିତ । ଐଶ୍ୱର୍ଯ୍ୟା ରାୟ ବଚ୍ଚନ 'କ୍ଲିନିକ୍ ହ୍ୟାପି' ନାମକ ଅତର ଲଗାଇବାକୁ ଭଲପାଆନ୍ତି । ଏହାର ମୂଲ୍ୟ ୭୫୦୦ ଟଙ୍କାରୁ ଆରମ୍ଭ ।





# ଫ୍ରିଜ୍‌ରେ ରଖନ୍ତୁନି ଏହି ୭ ଖାଦ୍ୟ

**ସାଧାରଣତଃ ଖାଦ୍ୟ ଗୁଡ଼ିକୁ ଆମେ ଫ୍ରିଜ୍‌ରେ ରଖିଥାଆନ୍ତି । ବିଭିନ୍ନ ପ୍ରକାରର ଖାଇବା ଅନେକ ଦିନ ଧରି ଫ୍ରିଜ୍‌ରେ ରଖାଯାଏ । ହେଲେ ଜାଣିଛନ୍ତି କି, ଏମିତି କିଛି ଖାଦ୍ୟ ରହିଛି ଯାହା ଫ୍ରିଜ୍‌ରେ ରଖିବା ଆଦୌ ଠିକ୍ ନୁହେଁ । ସେହି ସବୁ ଖାଦ୍ୟ ଫ୍ରିଜ୍‌ରେ ରଖି ଆଇବା ଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ବିଶେଷକରି ଏମିତି କିଛି ଖାଦ୍ୟ ରହିଛି ଯାହାକୁ ଆଦୌ ଫ୍ରିଜ୍‌ରେ ରଖି ଖାଆନ୍ତୁ ନାହିଁ । ଏସବୁ ଖାଇଲେ ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଆମେ ଆପଣଙ୍କୁ ବର୍ତ୍ତମାନ ୭ଟି ଖାଦ୍ୟ ବିଷୟରେ କହିବାକୁ ଯାଉଛୁ ଯାହା ଫ୍ରିଜ୍‌ରେ ରଖି ଖାଇବା ଜମାବି ଠିକ୍ ନୁହେଁ, ଆସନ୍ତୁ ଜାଣିବା ।**



- **ପାଚିଲା କଦଳୀ :** ପାଚିଲା କଦଳୀକୁ ଫ୍ରିଜ୍‌ରେ ରଖିବା ଠିକ୍ ନୁହେଁ । ଏହାକୁ ଫ୍ରିଜ୍‌ରେ ରଖିବା ଦ୍ୱାରା ଖୁବ୍‌ଶୀଘ୍ର ପାଚି ନଷ୍ଟ ହୋଇଯାଏ । ପାଚିଲା କଦଳୀକୁ ସବୁବେଳେ ବାହାରେ ରଖନ୍ତୁ । କାରଣ ଏହା ଘରର ତାପମାତ୍ରାରେ ଅଧିକ ଦିନ ରହିପାରିବ ।
- **ଟମାଟୋ :** ବିଭିନ୍ନ ତରକାରୀରେ ଟମାଟୋର ବ୍ୟବହାର ହୋଇଥାଏ । ଏମିତିକି ଟମାଟୋକୁ ବ୍ରେକ୍‌ଫାଷ୍ଟରେ ମଧ ଖାଇଥାଆନ୍ତି । ପାଚିଲା ଟମାଟୋକୁ ଫ୍ରିଜ୍‌ରେ ରଖିବା ଦ୍ୱାରା ତା'ର ପୋଷକତତ୍ୱ ନଷ୍ଟ ହେବାର ଅଧିକ ସମ୍ଭାବନା ରହିଥାଏ । ତେଣୁ ଟମାଟୋକୁ ରୋଷେଇ ଘରେ ହିଁ ରଖନ୍ତୁ ।
- **ମହୁ :** ମହୁକୁ ଅନେକ କାର୍ଯ୍ୟରେ ବ୍ୟବହାର କରାଯାଏ । ସାଧାରଣତଃ ଆମେ ମହୁକୁ ଥଣ୍ଡା ପରି କିଛି ସାଧାରଣ ରୋଗ ପାଇଁ ଔଷଧ ରୂପେ ବ୍ୟବହାର କରିଥାଉ । ମହୁକୁ ଫ୍ରିଜ୍‌ରେ ରଖନ୍ତୁନାହିଁ । ଫ୍ରିଜ୍ ବାହାରେ ମହୁକୁ ରଖିବା ଭଲ । ଫ୍ରିଜ୍‌ରେ ମହୁକୁ ଅଧିକ ଦିନ ରଖିବା ଦ୍ୱାରା ତାର ବାସ୍ନାରେ ପରିବର୍ତ୍ତନ ଆସିଥାଏ ।
- **ରୁଟି :** ରୁଟିକୁ ଫ୍ରିଜ୍ରେ ରଖିଲେ ତାହା ଖରାପ ହୋଇଯାଏ ଛ ରୁଟିକୁ ସାଧାରଣ ତାପମାତ୍ରାରେ ସବୁବେଳେ ରଖନ୍ତୁ ଛ ଅଧିକ ସମୟ ଭଲ ରହିବ ଛ
- **କଫି :** କଫିକୁ କେବେ ବି ଫ୍ରିଜ୍‌ରେ ରଖନ୍ତୁ ନାହିଁ । କାରଣ କଫିକୁ ଫ୍ରିଜ୍‌ରେ ରଖିବା ଦ୍ୱାରା ଅନ୍ୟ ସବୁ ଜିନିଷର ସ୍ୱାଦକୁ ନଷ୍ଟ କରିଦିଏ । ତେଣୁ କଫିକୁ ସବୁବେଳେ ରୋଷେଇ ଘରର ରାକ୍ ବା ଆଲମାରୀରେ ରଖିବା ଆବଶ୍ୟକ ।

**ସେହିପରି ବେଶନ, ଗୋଲମରିଚ ଓ ହଳଦୀକୁ ଫ୍ରିଜ୍‌ରେ ରଖନ୍ତୁ ନାହିଁ । ସବୁ ଜିନିଷ ଫ୍ରିଜ୍‌ରେ ରଖିବା ଦ୍ୱାରା ସେସବୁର ସ୍ୱାଦ ନଷ୍ଟ ହୋଇଥାଏ ।**



# ଉପକାରୀ ମଟର ଛୁଇଁ

ଆମ ଶରୀର ପାଇଁ ମଟର ଛୁଇଁର ମଧ ଅନେକ ଉପକାର ରହିଛି । କାରଣ ଏଥିରେ ରହିଛି ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବି ୬, ଭିଟାମିନ୍ ସି, ମ୍ୟାଗ୍ନେସିୟମ୍ ଭଳି ଅନେକ ଗୁଣକାରୀ ତତ୍ତ୍ୱ । ଫଳରେ ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ହୃତ୍‌ପିଣ୍ଡ ଓ କିଡ୍‌ନୀ ସୁସ୍ଥ ରହିଥାଏ । ଏହା ରକ୍ତଚାପକୁ ମଧ ନିୟନ୍ତ୍ରଣରେ ରଖିଥାଏ । ଏଥିରେ ଫାଇବରର କିଛି ମାତ୍ରା ରହୁଥିବାରୁ ପାଚନତନ୍ତ୍ରକୁ ସକ୍ରିୟ କରିବାରେ ମଧ ଏହା ସାହାଯ୍ୟ କରିଥାଏ । କେବଳ ସେତିକି ନୁହେଁ, ଏହା କୋଲେଷ୍ଟରଲକୁ ମଧ ନିୟନ୍ତ୍ରଣରେ ରଖିଥାଏ । କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ, ତ୍ୱଚାର ସୌନ୍ଦର୍ଯ୍ୟ ବଢ଼ାଇବାରେ ବି ମଟର ଛୁଇଁର ଅନେକ ଭୂମିକା ରହିଛି । ମଟର ଛୁଇଁକୁ ଫାଇନ୍ ପେଷ୍ଟ କରି ତ୍ୱଚାରେ ଧୀରେ ଧୀରେ ମାଲିସ୍ କଲେ, ଏହା ନାଚୁରାଲ ସ୍କ୍ରବ୍ ର କାମ ଦେଇଥାଏ । କୁହାଯାଏ, ଏହିପରି କିଛିଦିନ କଲେ ତ୍ୱଚା ସଫା ଦେଖାଯିବା ସହ ଗ୍ଲୋ କରିଥାଏ । ଶୀତଦିନେ ଅନେକଙ୍କର ଓଠ ଆଉ ପାଦର ଗୋଇଠି ଫାଟେ । କଞ୍ଚା ମଟର ଛୁଇଁରୁ କିଛିକିଛି ନିୟମିତ ଖାଇଲେ ଏହି ସମସ୍ୟାରୁ କୁଆଡ଼େ ଅନେକ ଉପଶମ ମିଳିଥାଏ । ତେବେ ଅନେକ ଗୁଣରେ ଭରା ଏହି ମଟର ଛୁଇଁର କିନ୍ତୁ ଗୋଟିଏ ଅସୁବିଧା ରହିଛି ତାହା ହେଉଛି ଗ୍ୟାସ୍ ସମସ୍ୟା । ତେଣୁ ଗ୍ୟାସ୍ ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଟିକେ ଦେଖିଚାହିଁ ମଟର ଛୁଇଁ ଖାଇବା ଦରକାର ।



# ୫ ଜି ଯୁଗରେ ଆସୁନି ନେଟ୍‌ୱାର୍କ

## ଇଣ୍ଟରନେଟ୍ ଦୂରର କଥା, ମୋବାଇଲ ପଏଣ୍ଟ ଚିହ୍ନଟ ହେଲେ ମିଳୁଛି ନେଟ୍‌ୱାର୍କ



ଅନୁଗୁଳ: ଏବେକା ସମୟରେ ମୋବାଇଲ ଲୋକଙ୍କ ପାଇଁ ବିଳାସପୂର୍ଣ୍ଣ ସାମଗ୍ରୀ ନୁହେଁ, ବରଂ ଆବଶ୍ୟକତା ପାଲଟି ଯାଇଛି । ପାଖରେ ମୋବାଇଲ ନ ଥିଲେ ଜଣେ ଏକ ବିଚ୍ଛିନ୍ନାଞ୍ଚଳରେ ରହିବା ପରି ମନେ ହେଉଛି । କାରଣ ପ୍ରତିକ୍ଷେତ୍ରରେ ଏବେ ମୋବାଇଲ ନିହାତି ଆବଶ୍ୟକ । ବର୍ତ୍ତମାନ ସମୟରେ ମୋବାଇଲ ବିନା କୌଣସି କାମ କରିବା କଷ୍ଟକର ହୋଇ ପଡିଛି । ବିଭିନ୍ନ ସରକାରୀ ଯୋଜନା ହେଉ ଅବା ପିଲାଙ୍କ ପାଠପଢା ସବୁ କାମରେ ମୋବାଇଲର ଆବଶ୍ୟକତା ଜରୁରୀ ହୋଇପଡିଛି । ଏହାଛଡା ଆଜିର ଯୁବପି ମୋବାଇଲ ବିନା ନିମିଷେ ରହି ପାରୁ ନାହାନ୍ତି । ଏଭଳି ସ୍ଥିତିରେ ଯେଉଁଠି ମୋବାଇଲ ସେବା ନାହିଁ ସେଠାରେ କିଭଳି ଅବସ୍ଥା ତାହା ସ୍ପଷ୍ଟ ଅନୁମେୟ । ଅନୁଗୋଳ ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା ମଝିପଡା ଗାଁରେ ମୋବାଇଲ ସେବା ଟିକେ ପାଇବା ପାଇଁ କିଛି ଯୁବକଙ୍କ ଅଭିନବ ପ୍ରୟାସ ଏହାର ଜ୍ୱଳନ୍ତ ଉଦାହରଣ । ତେବେ ବର୍ତ୍ତମାନ ଦେଶରେ ମୋବାଇଲର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୫ଜି ସେବା ଆରମ୍ଭ ହୋଇ ଯାଇଛି । କିନ୍ତୁ ଏବେବି ଏମିତି ଅନେକ ଅଞ୍ଚଳ ରହିଛି ଯେଉଁଠି ଆଦୌ ମୋବାଇଲ ସେବା ନାହିଁ । ଅନୁଗୋଳ ଜିଲ୍ଲାର ସାତକୋଶିଆ ଅଭୟାରଣ୍ୟ ଭିତରେ ଥିବା ୩୦ରୁ ଅଧିକ ଗାଁର ଲୋକେ ମୋବାଇଲ ସେବା କଣ ଜାଣନ୍ତି ନାହିଁ । ତେଣୁ ସେମାନେ ଅନେକ ସରକାରୀ ଯୋଜନା ସମ୍ପର୍କରେ ଜାଣି ପାରୁ ନାହାନ୍ତି । ପିଲାମାନେ ପାଠ ପଢିବାରେ ଅସୁବିଧା ହେଉଛି ।

ତେବେ ଏହିସବୁ ଗାଁ ଚାରିପଟେ ବିଭିନ୍ନ କମ୍ପାନୀର ମୋବାଇଲ ଟାୱାର ଥିବାରୁ କାଁଭାଁ କେଉଁଠି ଟିକେ ସିଗ୍ନାଲ ଆସୁଛି । କେଉଁଠି ପାହାଡ଼ ଉପରେ, ନଦୀ ପଠାରେ ତ ଆଉ କେଉଁଠି ଗଛ ଉପରେ ସାମାନ୍ୟ ମୋବାଇଲ ନେଟ୍‌ୱର୍କ ରହୁଛି । ଗାଁ ଲୋକେ ସେଭଳି ସ୍ଥାନଗୁଡିକୁ ଚିହ୍ନଟ କରି ସେଠାରେ ମୋବାଇଲ ପଏଣ୍ଟ କରିଛନ୍ତି । ଏମିତି ଏକ ମୋବାଇଲ ପଏଣ୍ଟ ଦେଖିବାକୁ ମିଳିଛି ସାତକୋଶିଆ ଅଭୟାରଣ୍ୟ ଟିକରପଡା ରେଞ୍ଜର ଘଞ୍ଚ ଓ ଦୁର୍ଗମ ଅଞ୍ଚଳରେ ଥିବା ମଝିପଡା ଗାଁରେ । ଗାଁ ମୁଣ୍ଡରେ ଥିବା ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ଏକ ଘରୋଇ କମ୍ପାନୀର ମୋବାଇଲ ସିଗ୍ନାଲ ରହୁଛି । ତେଣୁ ସେହି ସ୍ଥାନରେ ଗାଁର ଯୁବକମାନେ ଅଭିନବ ଉପାୟରେ ଏକ ମୋବାଇଲ ପଏଣ୍ଟ କରିଛନ୍ତି । ସେଠାରେ ସକାଳୁ ସଞ୍ଜ ଯାଏଁ ମୋବାଇଲ ଧରି ଯୁବକ ମାନେ ସମୟ ଅତିବାହିତ କରୁଛନ୍ତି ।



ଗାଁର ଯେଉଁ ସ୍ଥାନରେ ମୋବାଇଲ ନେଟ୍‌ୱାର୍କ ରହୁଛି ସେହି ସ୍ଥାନକୁ ଲୋକେ ଚିହ୍ନଟ କରିଛନ୍ତି । ହେଲେ ସେଠାରେ ଦୀର୍ଘ ସମୟ ଠିଆ ହୋଇ କଥା ହେବା କିମ୍ବା ମୋବାଇଲରେ ଅନ୍ୟ କାମ କରିବା କଷ୍ଟକର । ତେଣୁ ନିର୍ଦ୍ଦିଷ୍ଟ ସେହି ସ୍ଥାନରେ ବାଉଁଶରେ ଏକ ଛୋଟ ଖୋଲା ଘର କରିଛନ୍ତି । ଘର ଉପରେ ଟିଣ ଛପର ହୋଇଛି । ଭିତରେ ବସିବା ପାଇଁ ମଧ୍ୟ ବାଉଁସରେ ଟେବୁଲ ବ୍ୟବସ୍ଥା କରାଯାଇଛି । ଏହାଛଡା ମୋବାଇଲ ଫୋନ ରଖିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି । ଫଳରେ ସେଠାରେ ଖରା ବର୍ଷା ସବୁ ସମୟରେ ବସି ମୋବାଇଲ ବ୍ୟବହାର କରି ପାରିବେ ।

ତେବେ ଏନେଇ କିଛି ଯୁବକ ନିଜ ଖର୍ଚ୍ଚ ଓ ପରିଶ୍ରମରେ ଏଭଳି ବ୍ୟବସ୍ଥା କରିଛନ୍ତି । ତେଣୁ ଗାଁର ଅଧିକାଂଶ ଲୋକ ଏହି ସୁବିଧା ପାଇ ପାରୁଛନ୍ତି । ସବୁ ସମୟରେ ସେଠାରେ ୫/୬ଜଣ ବସି ମୋବାଇଲ ବ୍ୟବହାର କରୁଛନ୍ତି । ମଝିପଡା ଗାଁ ଲୋକଙ୍କର ଏଭଳି ଉଦ୍ୟମ ଦେଖି ଆଖପାଖ ଅନ୍ୟ ଗାଁର ଯୁବକ ମାନେ ମଧ୍ୟ ନିଜ ପାଇଁ ମୋବାଇଲ ପଏଣ୍ଟ ପ୍ରସ୍ତୁତ କରିବାରେ ଲାଗି ପଡିଛନ୍ତି । ତେବେ ଏନେଇ ଅନୁଗୋଳ ଟେଲିଫୋନ ବିଭାଗ ଏସ୍‌ଡିଓ କହିଛନ୍ତି ସାତକୋଶିଆ ଭିତରେ ଥିବା ଗାଁ ଗୁଡିକୁ କିଭଳି ମୋବାଇଲ ସେବା ଯୋଗାଇ ଦିଆଯାଇ ପାରିବ ସେଥିପାଇଁ ଟାୱାର ନିର୍ମାଣ କରିବାର ଯୋଜନା ରହିଛି । ଏଥିସହ ସର୍ଭେ କାମ ସରିଥିବା ବେଳେ ଖୁବ୍‌ଶୀଘ୍ର ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ।

ସାତକୋଶିଆ ଅଭୟାରଣ୍ୟ ବାସିନ୍ଦା ମୋବାଇଲ ସେବାକୁ ଚାତକ ପରି ଚାହିଁ ବସିଛନ୍ତି । କେବେ ସେ ଦିନ ଆସିବ ଯେଉଁ ଦିନ ମଝିପଡ଼ା ଗ୍ରାମବାସୀଙ୍କୁ ଆଉ ମୋବାଇଲ ପଏଣ୍ଟ ଖୋଜିବାକୁ ପଡିବ ନାହିଁ । ହେଲେ କେବେ ସେ ସମୟ ଆସୁଛି ତାହା ଦେଖିବାକୁ ବାକି ରହିଲା ।

# ଜରାଜୀର୍ଣ୍ଣ ଅବସ୍ଥାରେ କଣ୍ଟାମାଳ ସ୍କୁଲ୍




କଣ୍ଟାମାଳ/ବୌଦ୍ଧ: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୋଛାପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଉସ୍ପିଲକା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ବିଷୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର ଆସୁ ସମାଧାନ ହେଉ ନଥିବା ଜଣାପଡିଛି । ସ୍କୁଲ୍ ଚାରପଟେ ପାଚେରୀ ନଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ସ୍କୁଲ୍‌ରେ ଖେଳପଡିଆ ଟିଏ ମଧ୍ୟ ନାହିଁ । ସ୍କୁଲର ଜମିକୁ କେତେକ ଅସାମାଜିକ ବ୍ୟକ୍ତି ନିଜ ଅକ୍ତିଆରରେ ରଖି ବ୍ୟବହାର କରୁଥିବା ଜଣାପଡ଼ିଛି । ଫଳରେ ସ୍କୁଲ ପିଲାମାନେ ଗାଁରେ ଥିବା ଏକ କୁଞ୍ଜଘରେ ମଧ୍ୟାନ ଭୋଜନ ଖାଉଛନ୍ତି । ସରକାର ସ୍କୁଲ ଜମିକୁ ଯଥାଶୀଘ୍ର ସମ୍ଭବ ଚିହ୍ନଟ କରି ସ୍କୁଲ୍‌ରେ ଖେଳ ପଡିଆଟିଏ ନିର୍ମାଣ କରିବା ଦିଗରେ ସହାୟ ହେଲେ ସ୍କୁଲ୍‌ର ଛାତ୍ରଛାତ୍ରୀ ମାନେ ଖେଳକୁଦ କରିବାକୁ ସୁଯୋଗ ପାଆନ୍ତେ ବୋଲି କିଛି ଲୋକ ପ୍ରକାଶ କରିଛନ୍ତି । ଉକ୍ତ ସ୍କୁଲ୍‌ରେ ବାଉଣ୍ଡରୀ ତିଆରି ହେଲେ ସ୍କୁଲ୍‌ରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଛାତ୍ରଛାତ୍ରୀ ମଧ୍ୟ ସୁରକ୍ଷିତ ରହନ୍ତେ ବୋଲି ଜନସାଧାରଣ ଚର୍ଚ୍ଚା ହେଉଛି ।

# ରାୟଗଡ଼ା ମାଟିର ଗର୍ବ ଓ ଗୌରବ ବିରାଜିନୀ ଶବର


ରାୟଗଡ଼ା: ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ରାୟଗଡାର ଗୁଣୁପୁର ସହର ଠାରୁ ଅନତୀ ଦୂର ଏକ ଅଖ୍ୟାତ ଆଦିବାସୀ ପଲ୍ଲୀରେ ଜନ୍ମ ବିରାଜିନୀ ଶବର । ଜନ୍ମରୁ ତାଙ୍କ କଣ୍ଠରେ ମା’ ସରସ୍ୱତୀ ମା’ ଶାରଳା ବିଜେ କରିଛନ୍ତି । ସୁଲଳିତ କଣ୍ଠ ସହିତ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତର ଦ୍ୱିତୀୟ ବାର୍ଷିକ ଛାତ୍ରୀ । ପାଳିତ ପିତା ପଞ୍ଚାନନ ଚୌଧୁରୀ ଓ ତାଙ୍କ ପତ୍ନୀଙ୍କର ଲାଳନ ପାଳନ ତଥା ନିଜେ ପ୍ରତିଷ୍ଠା କରିଥିବା ଏବିଏସ୍‌କେ ସଙ୍ଗୀତ ମହାବିଦ୍ୟାଳୟ ଗୁଣୁପୁରରେ ତାକୁ ଶିକ୍ଷାଦାନ ଦେଉଛନ୍ତି । ନିଜେ ଝିଅଟିର ସମସ୍ତ ଦାୟିତ୍ୱ ବହନ କରି କଷ୍ଟ ସ୍ୱୀକାର କରି ଆଦିବାସୀ ଝିଅଟିର ସ୍ୱପ୍ନକୁ ସାକାର କରିବାକୁ ପ୍ରସ୍ତୁତ । ପୂର୍ବ ଓଡିଶାର ବ୍ୟକ୍ତି ହେଲେବି ସାରା ଓଡିଶାକୁ ଭଲ ପାଉଥିବା ଓଡିଶାର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ ବିଗତ ତ୍ରୀବେଣୀ ମହୋତ୍ସବ ଅବସରରେ ଖତ



ଗଦାରେ ପଦ୍ମ ଫୁଟିଥିବା ଏହି ବିରଳ ପ୍ରତିଭାଟିର କଣ୍ଠରେ ପ୍ରଥମ ଗୀତ ରେକର୍ଡ କରି ସାରା ଓଡିଶାର ଲୋକଲୋଚନକୁ ଆଣିଛନ୍ତି । ସେ କୁହନ୍ତି ପ୍ରତିଭା କେବେ ଲୁଚି ରହିବନି । ମୁଁ ଗୋଟେ ସାଧାରଣ ବ୍ୟକ୍ତି ମାଧ୍ୟମ ମାତ୍ର । ସେ ଝିଅଟିର ଅଭିଭାବକ ଚୌଧୁରୀ ପତି ପତ୍ନୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଆଦିବାସୀ ଝିଅ ବିରାଜିନୀ ପରିବାରର ପ୍ରତିବନ୍ଧକ ସତ୍ତ୍ୱେ ଏତେବଡ଼ ମହନୀୟ କାର୍ଯ୍ୟ କରୁଛନ୍ତି ତାଙ୍କ ନିକଟରେ ଚିର ନମସ୍ୟ । ଆଗାମୀ ଦିନ ମାନଙ୍କରେ ବିରାଜିନୀ ଖାଲି ଓଡିଶା ବାହାରେ ସୁନାମ ଅର୍ଜନ କରିବ ଏଥିରେ ତିଳେ ପାତ୍ର ସନ୍ଦେହ ନାହିଁ । ବିରାଜିନୀକୁ ନେଇ ସଙ୍ଗୀତ ନିର୍ଦ୍ଦେଶକ ପବିତ୍ର ପଟ୍ଟନାୟକ ଗୋଟେ ବଡ ପ୍ରୋଜେକ୍ଟର କାମରେ ବ୍ୟସ୍ତ ଅଛନ୍ତି । ଆଗାମୀ ଦିନରେ କଠୋର ସାଧନା ଓ ନିଷ୍ଠା ବରାଜିନୀକୁ ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲ ଦୃଢ଼ ବିଶ୍ୱାସ ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।



# Correction of Errors

Wrong : My brother works in Railways.
Right : My brother works on Railways.“(the place of work is not a building.So preposition 'on' is used)

Wrong : Birds of feather flock together.
Right : Birds of a feather flock together.
Wrong : The players couldn't get used with the climate.
Right : The players couldn't get used to the climate.
Wrong : Having saying this,I don't regret at all.
Right : Having said this, I don't regret at all.
Wrong : Read aloudly.
Right : Read aloud.
Wrong : There are many a slip between cup and the lip.
Right : There is many a slip between cup and 'lip.'
Wrong : Ashok will recently visit us.
Right : Ashok will Visit us soon.
Wrong : Here you can find a group of fish.
Right : Here you can find a school of fish.
Wrong : Are you belonging to this community?
Right : Do you belong to this community?
Wrong : Sunil threw some food at the dogs.
Right : Sunil threw some food to the dogs.

# ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣରେ ଦୁର୍ନୀତି: ତଦନ୍ତ ଦାବି




ଯୋଡ଼ା: ସମସ୍ତ ଗାଁକୁ ପକ୍କାରାସ୍ତା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନା ମଧ୍ୟମରେ ଅନେକ ଗାଁକୁ ପକ୍କାରାସ୍ତା ସଂଯୋଗ ହୋଇପାରିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧା ମିଳିପାରିଛି । ତେବେ ଏହି ଯୋଜନା ଦ୍ୱାରା ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କେତେକ ଦୁର୍ନୀତି ଗ୍ରସ୍ତ ବିଭାଗୀୟ ଅଧିକାରୀ ଓ ଲାଭଖୋର ଠିକା ସଂସ୍ଥାର ମଧୁର ସମ୍ପର୍କ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତ୍ତିକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି । ଏପରି ଏକ ଅଭିଯୋଗ ହୋଇଛି କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ଗ୍ରାମ ପଞ୍ଚାୟତର ଝାଡ଼ଗାଁ ଠାରୁ ରୋଇଡା ଗ୍ରାମ ପଞ୍ଚାୟତର ଭୂୟାଁ ରୋଇଡା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତାରେ । ଝାଡ଼ଗାଁ ଠାରୁ ରୋଇଡା ପର୍ଯ୍ୟନ୍ତ ୫.୧୫ କିଲୋମିଟର ରାସ୍ତାର ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ୫୦୭. ୭୮ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

୫ ବର୍ଷ ପାଇଁ ଏହି ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ମଧ୍ୟ ୨୪. ୬୭ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ତେବେ ଭୁବନେଶ୍ୱରୀ କନ୍ସଟ୍ରକସନ୍ ନାମକ ଠିକା ସଂସ୍ଥାକୁ ରାସ୍ତାର ଉନ୍ନତିକରଣ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଛି । ସମ୍ପୃକ୍ତ ଅଧିକାରୀ ଓ ଠିକସଂସ୍ଥା ଦ୍ୱାରା ଜାରି କରାଯାଇଥିବା ସୂଚନା ଫଳକ ଅନୁସାରେ ୪ ଏପ୍ରିଲ ୨୦୨୨ ରୁ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୩ ଜାନୁୟାରୀ ୨୦୨୩ ରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା । ତେବେ ନିର୍ଦ୍ଧାରିତ ସମୟସୀମା ଠାରୁ ତିନି ମାସରୁ ଉର୍ଦ୍ଧ୍ୱକାଳ ବିତିଯାଇଥିଲେ ମଧ୍ୟ ରାସ୍ତା ସମ୍ପୂର୍ଣ୍ଣ ହେବାର ନାଁ ଧରୁନାହିଁ । ତଥାପି ରାସ୍ତା ନିର୍ମାଣରେ ଅନେକ ଅନିୟମିତତା ପରିଲକ୍ଷିତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ହେବା ପୂର୍ବରୁ ଗେଟି ପଥର ଉଠି ଯାଉଥିବା ବେଳେ ଏହା କେତେଦିନ ଲୋକଙ୍କ ବ୍ୟବହାରରେ ଆସିବ ଏହାକୁ ନେଇ ସାଧାରଣରେପ୍ରଶ୍ନବାଚୀ ସୃଷ୍ଟି ହେଉଛି । ରାସ୍ତାର ଉନ୍ନତିକରଣ ସହିତ ରାସ୍ତାରେ ଥିବା ପୋଲର ମଧ୍ୟ ନବୀକରଣ ନିମନ୍ତେ କାର୍ଯ୍ୟାଦେଶରେ ନିର୍ଦ୍ଦେଶ ରହିଥିବା ଜଣାପଡିଛି । ତେବେ ସମ୍ପୃକ୍ତ ଠିକାସଂସ୍ଥା ପୋଲର ନିର୍ମାଣ କରିବା ପରିବର୍ତ୍ତେ ଚଞ୍ଚକତା କରି ପୂର୍ବରୁ ନିର୍ମିତ ପୋଲର ସମ୍ପ୍ରସାରଣ କରି କାମ ସାରିଦେଉଥିବା ଅଭିଯୋଗ ହେଉଛି । ତେବେ ରାସ୍ତାରେ ବ୍ୟବହାର ନିମନ୍ତେ ଯେଉଁଠୁ ମାଟି ଓ ମୋରମ ଆଣି ରାସ୍ତାରେ ବ୍ୟବହାର କରାଯାଉଥିବା ବେଳେ ଲଘୁଖଣିଜର ଏପରି ଅପବ୍ୟବହାର ନିମନ୍ତେ ବଡ଼ବିଲ ତହସିଲ ପକ୍ଷରୁ କିପରି ଅନୁମତି ଦିଆଗଲା ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ଏହାର ଉଚ୍ଚସ୍ଥରୀୟ ତଦନ୍ତ କରାଗଲେ ସମ୍ପୃକ୍ତ ଅଧିକାରୀ ଓ ଠିକସଂସ୍ଥା ଉପରେ ୫ଟି ଛାଟ ପଡିବା ସୁନିଶ୍ଚିତ ବୋଲି ସ୍ଥାନୀୟ ଅଞ୍ଚଳରେ ମତ ପ୍ରକାଶ ପାଉଛି ।

## ରାସ୍ତା ଅବସ୍ଥା ଶୋଚନୀୟ : ମରାମତି ଦାବି

ବାଲିଗୁଡା: ବାଲିଗୁଡା ବସଷ୍ଟାଣ୍ଡ୍ ନିକଟ ନୂଆସାହି ଓ ବୁଢ଼ାଗୁଡାକୁ ଯିବା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବା ଦେଖାଦେଇଛି । ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ବେଳେ ଗତ ବର୍ଷା ଋତୁରେ ପ୍ରବଳ ବନ୍ୟା ପାଣି ଆସି ରାସ୍ତାର ପିଚୁ ଉଠିଯିବା ସହ ଖାଲଖମା ହୋଇ ପାଣି ଜମି ରହିଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଯୋଗୁଁ ଅସନ୍ତୋଷ ଦେଖାଯାଇଛି । ଗତ ଦଶହରା ଯାତ୍ରା ସମୟରେ ସେହି ରାସ୍ତାରେ ଥିବା ଖାଲରେ ମାଟି ପକାଇ ଦେଇ କାର୍ଯ୍ୟ ସମ୍ପାଦନା କରି ନିଜ କାର୍ଯ୍ୟ ଶେଷ କରି ଦେଇଥିବାରୁ ବର୍ତ୍ତମାନ ସାମାନ୍ୟ ବର୍ଷାରେ ପୁଣି ଖାଲ ହୋଇ ପାଣି ଜମି ରହୁଛି । ଯାହାକି, ଯାନବାହାନ ଯାତାୟାତ ସମୟରେ ପାଣି ଛିଟିକି ଜନସାଧାରଣଙ୍କ ଉପରେ ପଡୁଛି, ଏହାକୁ ନେଇ ମଧ୍ୟ ଯାନବାହାନ ଚାଳକ ଓ ଯାତାୟାତ ଜନସାଧାରଣଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଛି । ଏହି ରାସ୍ତା କଡ଼କୁ ଲାଗି ଦୁଇଟି ପୋଖରୀ ରହିଥିବା ବେଳେ ବର୍ଷା ସମୟରେ ସେହି ପୋଖରୀ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପର ଦେଇ ପ୍ରବାହିତ ହୋଇଥିବାରୁ ରାସ୍ତାର ଏଭଳି ଅବସ୍ଥା ହେଉଥିବା ଜଣାଯାଇଛି । ତେବେ ପୋଖରୀ ନିର୍ମାଣ ସମୟରେ ପୋଖରୀର ବଳକା ପାଣି ନିଷ୍କାସନ ନିମନ୍ତେ କୌଣସି ସଠିକ ଯୋଜନା କରାଯାଇ ନ ଥିବାରୁ ଏଭଳି କୃତ୍ରିମ ବନ୍ୟା ସୃଷ୍ଟି କରିବା ସହ ରାସ୍ତାର ଉପରେ ପାଣି ଜମି ରହି ଏଭଳି ଅସୁବିଧା ସୃଷ୍ଟି ହେଉଛି । ବର୍ତ୍ତମାନ ସେହି ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଥିବା ଲକ୍ଷ୍ୟ କରାଯାଇଛି । ବାଲିଗୁଡା ଟାଉନର ଏପରି ଅନେକ ରାସ୍ତା ଖାଲ ଢିପ ହୋଇ ସାମାନ୍ୟ ବର୍ଷାରେ ପାଣି ଜମି ରହୁଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଧବଳେଶ୍ୱର ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ତାହା ଆମ ନଜରକୁ ଆସିଛି, ଏଣୁ ଉକ୍ତ ରାସ୍ତା ଖୁବ୍‌ଶିଘ୍ର ମରାମତି କରାଯିବ । ଆଗକୁ ତେର ଶମ୍ଭୁ ମିଳନ ଭଳି ପର୍ବ ରହିଥିବାରୁ ସେହି ରାସ୍ତା ଦେଇ ଦଣ୍ଡୁଆ ମାନେ ଉକ୍ତ ପୋଖରୀରେ ସ୍ନାନ ଶୌଚାଦି କରିବେ । ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ପ୍ରବଳ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନକଲି ସାର୍ଟିଫିକେଟ୍ ...

ନିଯୁକ୍ତି ଲାଗି ସାର୍ଟିଫିକେଟ୍ ଯାଞ୍ଚ ବେଳେ ମୋଟ ୬ ଜଣ ପ୍ରାର୍ଥୀ ଏମିତି ଜାଲ ପ୍ରମାଣପତ୍ର ଦାଖଲ କରିଥିବା ନଜରକୁ ଆସିଛି । ଫଳରେ ଏମାନଙ୍କ ନାଁରେ ଫୁଲବାଣୀ ଟାଉନ୍ ଥାନାରେ ଡାକ ବିଭାଗର ପକ୍ଷରୁ ଅଭିଯୋଗ ପରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଡାକମଣ୍ଡଳରେ ଗ୍ରାମୀଣ ଡାକସେବକ ଶାଖା ପୋଷ୍ଟମାଷ୍ଟର ନିଯୁକ୍ତି ବେଳେ ଜାଲ୍ ସାର୍ଟିଫିକେଟ୍ ଧରାପଡିଛି । ମାଟ୍ରିକ ସାର୍ଟିଫିକେଟ୍ ଯାଞ୍ଚ ବେଳେ ଡାକ ଅଧୀକ୍ଷକଙ୍କ ଦ୍ୱାରା ଧରା ପଡିଛନ୍ତି ଆବେଦନକାରୀ । ଆବେଦନକାରୀ ଜଣକ ହେଲେ ଭଦ୍ରକ ଜିଲ୍ଲା ଲୁଣିଆ ଗାଁର ଅନୀତା ଜେନା । ଜାଲ୍ ସାର୍ଟିଫିକେଟ୍‌ଟି ଆଦର୍ଶ ଆରୟା ଏସ୍ ଏସ୍ ହାଇସ୍କୁଲ, ହରଦୋଇ ଉତ୍ତରପ୍ରଦେଶ ଅଞ୍ଚଳର ବୋଲି ଜଣାପଡ଼ିଛି । ଉତ୍ତରପ୍ରଦେଶରେ ପରୀକ୍ଷା ଦେଇ ସେ ଓଡ଼ିଆରେ ୯୯ ମାର୍କ ରଖିଥିବା ଦେଖିବାକୁ ମିଳିଛି ।

ବିଭିନ୍ନ ସମୟରେ ଓଡ଼ିଶାରେ ନକଲି ସାର୍ଟିଫିକେଟ୍ ଜବତ ହୋଇଛି । ବିଶେଷକରି ନକଲି ସାର୍ଟିଫିକେଟ୍ ଦେଇ ସରକାରୀ ବିଦ୍ୟାଳୟରେ ଚାକିରି କରିଥିବା ୧୧୫୦ରୁ ଅଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଏବେ ସୁଦ୍ଧା ବିଦା ହେଲେଣି । ଶତାଧିକ ଜେଲ୍ ବି ଯାଇଛନ୍ତି । ଗଞ୍ଜାମରୁ ଆରମ୍ଭ କରି ଅନୁଗୁଳ, କେନ୍ଦୁଝର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ସମ୍ବଲପୁର, ବଲାଙ୍ଗୀର, ଗଜପତି, କୋରାପୁଟ, ଗଞ୍ଜାମ ପ୍ରଭୃତି ଜିଲ୍ଲାରୁ ବି ନକଲି ସାର୍ଟିଫିକେଟ୍‌ଧାରୀ ଧରାପଡ଼ି ଜେଲ୍ ଯାଇଛନ୍ତି । ତା’ ସତ୍ତ୍ୱେ ନକଲି ସାର୍ଟିଫିକେଟ୍‌ରେ ପୂର୍ଣ୍ଣଚ୍ଛେଦ ପଡ଼ିନି । ୨୦୨୨ରେ ନକଲି ଦିବ୍ୟାଙ୍ଗ ସାର୍ଟିଫିକେଟ୍ ଦେଇ ନାମ ଲେଖାଇଥିବା ପାଖାପାଖି ୫୦ଜଣ ଛାତ୍ରଛାତ୍ରୀ ନାମକରା ଶିକ୍ଷାନୁଷ୍ଠାନରୁ ଧରାପଡ଼ି ତଡ଼ା ଖାଇଥିଲେ । ଅନ୍ୟପଟେ ବିଧାନସଭାରେ ବି ଉଠିଛି ଜାଲ୍ ସାର୍ଟିଫିକେଟ୍ ପ୍ରସଙ୍ଗ । ମାମଲାରେ ବିଜେଡି ନେତାଙ୍କ ଲିଙ୍କ୍ ଅଭିଯୋଗ ଆଣି ବର୍ଷିଛନ୍ତି ବିରୋଧୀ । ଶୂନ୍ୟକାଳରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଏହି ପ୍ରସଙ୍ଗ ଉଠାଇ ଫେକ୍ ସାର୍ଟିଫିକେଟ୍ ମାମଲାରେ ବିଜେଡି ଆଇଟି ସେଲ୍‌ର ସଦସ୍ୟ ଗିରଫ ହୋଇଥିବାରୁ ରାକେଟ୍ ପଛରେ ବିଜେଡିର ଲିଙ୍କ୍ ଥିବା ଅଭିଯୋଗ କରିଛନ୍ତି ।

### କୂଅରେ ପଡ଼ି...

ହୋଇଥିବା ଶ୍ରଦ୍ଧାଳୁ କୂଅ ମଧ୍ୟକୁ ଖସି ପଡ଼ିଥିଲେ । ଫଳରେ ଶ୍ୱାସରୁଦ୍ଧ ହୋଇ ୩୫ ଜଣଙ୍କର ଜୀବନ ଯାଇଥିବା ବେଳେ ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି । ମୃତକଙ୍କ ମଧ୍ୟରେ ୧୮ ଜଣ ମହିଳା ଏବଂ ବାଳିକା ଅଛନ୍ତି । କୂଅ ତଳେ ଅନେକ ଲୋକ ପୋତି ହୋଇଥିବା ଜଣାପଡିଛି । କୂଅରେ ୪ରୁ ୫ ଫୁଟ୍ ପାଣି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥିଲା ।

### ଗାଁରେ ଖୋଲିବନି...

ନଦୀ, ହ୍ରଦ, ଡ୍ୟାମ୍ ପାଖରେ ଖୋଲିବ ମଦ ଝୁମ୍ପୁଡ଼ି । ଓଟିଡିସି ବା ଏହି ସଂସ୍ଥା ଦ୍ୱାରା ନିଯୁକ୍ତ ଅପରେଟର ଏହି ଝୁମ୍ପୁଡ଼ି ଚଳାଇବେ । ଏହାସହ ମଦ ୫ରୁ ୧୦% ବଢ଼ିବ ।

୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ଜାରି କରିଥିବା ଅବକାରୀ ନୀତିରେ ଏହା ଉଲ୍ଲେଖ ରହିଛି । ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଜାରି ହୋଇଥିବା ନୂଆ ଅବକାରୀ ନୀତି ଆସନ୍ତା ଏପ୍ରିଲ ୧ ତାରିଖରୁ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ବଳବତ୍ତର ରହିବ ଛ ନୂଆ ଅବକାରୀ ନୀତିରେ ରାଜ୍ୟ ସରକାର ଲାଇସେନ୍ସ ଫି, ଏମଜିକ୍ୟୁ, ମଦ ପ୍ରସ୍ତୁତ ପାଇଁ ଆବେଦନ ଫି’, ଯୋଗାଣକାରୀ ଓ ରିଟେଲର ଫି’ରେ ସାମାନ୍ୟ ବୃଦ୍ଧି କରିଛନ୍ତି । ଅନ୍ ସପ୍ ମଦ ଦୋକାନକୁ ଅଫ୍ ସପ୍ ଭଳି କାଉଣ୍ଟର ବିକ୍ରି ଉପରେ କଟକଣା ଜାରି ହୋଇଛି । ସମସ୍ତ ଅଫ ସପ୍, ଅନ ସପ୍ ଲାଇସେନ୍ସଧାରୀଙ୍କୁ ସବୁ ପରିମାଣର ବିଦେଶୀ ମଦ ନେବାକୁ ପଡ଼ିବ । ତେବେ କେବଳ ଏଫଏଲ୍ ଅନ୍ ଲାଇସେନ୍ସଧାରୀଙ୍କୁ ଓଡ଼ିଶା ମଦ ନିଗମରୁ କେଜ୍ ବିୟର ଉଠାଇବାକୁ ଅନୁମତି ରହିଛି ।

### ରାଜ୍ୟରେ ମହାବଳଙ୍କୁ...

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ମନ୍ତ୍ରୀ ଅମାତ ଏହି ସୂଚନା ଦେଇଛନ୍ତି । ତାରା ପଚାରିଥିଲେ, ରାଜ୍ୟରେ କେତେ ପ୍ରଜାତିର ବାଘ ରହିଛନ୍ତି, କେତେ ସଂଖ୍ୟକ ବାଘ ଗତ ୧୦ ବର୍ଷରେ ମୃତ୍ୟୁବରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ କେତୋଟି ବାଘ ଶିକାରୀଙ୍କ ଦ୍ୱାରା ଶିକାର ହୋଇଛନ୍ତି । ଏହାର ଜବାବରେ ମନ୍ତ୍ରୀ କହିଛନ୍ତି, ୨୦୧୮ ତଥ୍ୟ ଅନୁଯାୟୀ ଓଡ଼ିଶା ଜଙ୍ଗଲରେ ୨୮ଟି ମହାବଳ ବାଘ ଓ ୭୬୦ଟି କଲରାପତରିଆ ବାଘ ଅଛନ୍ତି । ବ୍ୟାଘ୍ରଙ୍କ ବଂଶବୃଦ୍ଧି ଓ ସୁରକ୍ଷା ପାଇଁ ୨ ଗୋଟି ବ୍ୟାଘ୍ର ପ୍ରକଳ୍ପ ଓ ଶିକାର ନିରୋଧକ ଶିବିର ପ୍ରତିଷ୍ଠା କରାଯାଇଥିବା ବେଳେ ସ୍ପେଶାଲ ସ୍କ୍ୱାଡ୍ ମୁତୟନ, ଜଙ୍ଗଲରେ ପାଦଚଲା ପଇଁତରା, ତୃଣଭୋଜି ପ୍ରାଣୀଙ୍କ ବୃଦ୍ଧି ପାଇଁ ଚାରଣ ଭୂମିର ବିକାଶ, ଜଙ୍ଗଲ ନିଆଁର ପ୍ରତିରୋଧ ଭଳି ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ କହିଛନ୍ତି ।

୨୦୧୮ ମସିହାରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ସଂସ୍ଥା ବ୍ୟାଘ୍ର ଗଣନା ହୋଇଥିଲା । ଏଥିରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୨୮ଟି ମହାବଳ ବାଘ ଏବଂ ୭୬୦ଟି କଲରାପତରିଆ ବାଘ ଥିବା ନେଇ ସୂଚନା ଦିଆଯାଇଥିଲା । ଏହା ପରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ବାଘ ଶିକାର ହୋଇଛି । କେତେକ ସ୍ଥାନରେ ଶିକାରୀଙ୍କୁ ବନ ବିଭାଗ ଓ ଏସ୍‌ଟିଏଫ ଭଳି ସଂସ୍ଥା ଧରିବାରେ ସଫଳ ହୋଇଥିବା ବେଳେ ଅନେକ ସ୍ଥାନରେ ଶିକାରିମାନେ ଚତୁରତାର ସହ ଶିକାର କରି ଖସିଯାଉଛନ୍ତି । ରାଜ୍ୟରେ ବ୍ୟାଘ୍ର ବଂଶବୃଦ୍ଧି ଏବଂ ସୁରକ୍ଷା ପାଇଁ ବର୍ତ୍ତମାନ ୨ ଗୋଟି ବ୍ୟାଘ୍ର ପ୍ରକଳ୍ପ ରହିଛି । ଶିମିଳିପାଳରେ କିଛି ବାଘ ରହିଥିବା ବେଳେ ସାତକୋଶିଆ ବ୍ୟାଘ୍ରଶୂନ୍ୟ ହୋଇ ସାରିଛି । ୨୦୦୬ ମସିହାରେ ଶିମିଳିପାଳରେ ୯୯ ଟି ବାଘ ଥିଲେ କିନ୍ତୁ ଗତ ୧୨ ବର୍ଷ ମଧ୍ୟରେ ଏହି ସଂଖ୍ୟା ୧୮ କୁ ଖସି ଆସିଛି । ୨୦୦୭ରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ ହୋଇଥିଲା । ସେତେବେଳେ ଏଠାରେ ପ୍ରାୟ ୮ ଟି ବାଘ ରହିଥିଲେ । ମାତ୍ର ବର୍ତ୍ତମାନ ଏଠାରେ ଗୋଟିଏ ମଧ୍ୟ ବାଘ ନାହାନ୍ତି । ସେହିପରି ବର୍ତ୍ତମାନ କେନ୍ଦୁଝର ଓ ସୁନାବେଡ଼ା ଜଙ୍ଗଲରେ ଦୁଇଟି ବାଘକୁ ସୁରକ୍ଷା ଦେବା ବନ ବିଭାଗ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ।

## ପାର୍କିଂ ସମସ୍ୟା ନେଇ ଜନଅସନ୍ତୋଷ

ଦେବଗଡ: ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ପୌରାଞ୍ଚଳବାସୀ ନିଜର ଦୈନନ୍ଦିନ ବ୍ୟବହାର ସାମଗ୍ରୀ କିଣିବା ପାଇଁ ବଜାରକୁ ଆସୁଥିବାବେଳେ ବିଶେଷ ଭାବେ ୨ ଚକିଆ ଯାନକୁ ରଖିବା ନେଇ ନାନା ସମସ୍ୟାରେ ପଡୁଥିବା ଦେଖିବାକୁ ମିଳିଛି । ଏହି ସମସ୍ୟାର ସମାଧାନ ପାଇଁ ଦୀର୍ଘବର୍ଷ ପୂର୍ବେ ତତ୍କାଳୀନ ଏସ୍‌ପି ମୁଖ୍ୟ ବଜାର ରାସ୍ତା ମଝିରେ ୨ ଚକିଆ ଯାନ ରଖିବା ପ୍ରସ୍ତାବକୁ କାର୍ଯକାରୀ କରିଥିଲେ । ଫଳରେ ଜନସଧାରଣଙ୍କ ସମସ୍ୟା କିଛି ମାତ୍ରାରେ ସମାଧାନ ହୋଇଥିଲା । ତେବେ ମୁଖ୍ୟ ବଜାର ଛକରେ ୨ ଚକିଆ ଯାନ ପାଇଁ ନିର୍ଦ୍ଧାରିତ ସ୍ଥାନରେ କିଛି ଦିନରୁ ଏକ ଉଠା ଫଳ ଦୋକାନୀ ପସରା ମେଲାଇ ଦୋକାନ ଖୋଲିଥିବାରୁ ବିଶେଷ ଭାବେ ସକାଳେ ଓ ସନ୍ଧ୍ୟାରେ ଗହଳି ସମୟରେ ଜନସଧାରଣ ୨ ଚକିଆ ଯାନ ରଖିବାକୁ ନାହିଁନଥିବା ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି । ଅନ୍ୟପଟେ ପୌର ପରିଷଦ ବଜାର ଠିକା ନେଇଥିବା ଠିକାଦାର ପ୍ରତିଦିନ ଟ୍ୟାକ୍ସ ଅସୁଲ କରୁଥିବାବେଳେ ବେଆଇନ ଭାବେ ପାର୍କିଂ ସ୍ଥାନରେ ଖୋଲିଥିବା ଦୋକାନ ଯୋଗୁ ଜନସାଧାରଣଙ୍କ ସମସ୍ୟାକୁ ଅଣଦେଖା କରିଥିବା ନେଇ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଆଦର୍ଶ ଥାନା ପୋଲିସ୍ ପକ୍ଷରୁ ଆମ ପୋଲିସ୍ ସମିତି ବୈଠକରେ ସହରର ଟ୍ରାଫିକ ବ୍ୟବସ୍ଥା ଉପରେ ଆଲୋଚନା ହେଉଥିଲେ ମଧ୍ୟ ମୁଖ୍ୟ ବଜାରରେ ପାର୍କିଂ ସମସ୍ୟାର କାରଣ ଆଦର୍ଶ ଥାନା ପୋଲିସ୍‌କୁ ଦେଖା ଯାଉନଥିବା ବହୁ ବରିଷ୍ଠ ନାଗରିକ ଅଭିଯୋଗ କରିଛନ୍ତି । ଏଣୁ ପୌର ପ୍ରଶାସନ ଓ ପୋଲିସ୍ ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ ବହୁ ଜନସାଧାରଣ ଦାବି କରିଛନ୍ତି ।

# ଉତ୍କଳ ଦିବସ

## ଉଜ୍ଜୀବିତ ହେଉଛି ସ୍ମୃତି

**୧୯୩୬ ମସିହା ଏପ୍ରିଲ ୧ ତାରିଖ ସମସ୍ତ ଓଡ଼ିଆଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ । ପ୍ରାୟ ପାଞ୍ଚ ଶହ ବର୍ଷ ସୀମାହୀନ, ଜାତିହୀନ ଓ ଭାଷାହୀନ ଅବସ୍ଥାରେ ଖଣ୍ଡ–ବିଖଣ୍ଡିତ ହୋଇ ରହିବା ପରେ, ଏହି ଦିନରେ ଓଡ଼ିଶା ଏକତ୍ର ହୋଇଥିଲା । ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ । ୧୫୬୮ରେ ଶେଷ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ବ୍ରିଟିଶ ଶାସନରୁ ଅଲଗା ହୋଇ ଏକ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ' ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା । ପ୍ରଥମେ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ଓଡ଼ିଶା ଗଠନ କରାଯାଇଥିଲା । ଏହାପରେ ଏହାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା**



### ଇତିହାସ

ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ମୁଖ୍ୟ ବିପ୍ଳବ ଉତ୍କଳ ସମ୍ମିଳନୀ ଗଠନ ଦିନଠାରୁ ତିନି ଦଶନ୍ଧି ଧରି ଲାଗି ରହିଥିଲା ଓ ଏହା ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ମୂଳଦୁଆ ସ୍ଥାପନ କରିଥିଲା । ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢ଼ଳ ଦେବ ଓ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଆଦିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅଧିକ ତୀବ୍ର ହୋଇଥିଲା । ସାର ଅଷ୍ଟିନ୍ ହବାକ ଓଡ଼ିଶାର ପହିଲା ରାଜ୍ୟପାଳ ଭାବରେ ଶପଥ ନେଇଥିଲେ । ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଥିଲା । ୧୯୯୨ ମସିହାରେ ଓଡ଼ିଶାର ୧୩ଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ଟି ଜିଲ୍ଲାରେ ଭାଗ କରାଗଲା । ପ୍ରତି ବର୍ଷ ଏପ୍ରିଲ ପହିଲା ଦିନଟିକୁ ଉତ୍କଳ ଦିବସ ନାମରେ ପାଳନ କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନର କର୍ଣ୍ଣଧାରମାନଙ୍କୁ ସମ୍ମାନ ଅର୍ପଣକରାଯାଏ ।

ଷୋଡ଼ଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଓଡ଼ିଶା ରାଜନୈତିକ ବିପର୍ଯ୍ୟୟ ଦେଇ ଗତି କରିଆସୁଥିଲା । ଏହା ସତ୍ତ୍ୱେ ଓଡ଼ିଶାର କବି ଓ ଲେଖକଙ୍କର ସାହିତ୍ୟ ସାଧନା ଅବ୍ୟାହତ ରହିଥିବାରୁ ଓଡ଼ିଆ ଭାଷା–ସଂସ୍କୃତି ଏକ ବିଶାଳ ଭୂଖଣ୍ଡରେ ତିଷ୍ଠି ରହିଥିଲା । କିନ୍ତୁ ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଶିକ୍ଷା ଓ ଛାପାଖାନାର ପ୍ରସାର ଫଳରେ ଓଡ଼ିଆ ଭାଷା ଓ ସଂସ୍କୃତି ବିପନ୍ନ ହୋଇପଡ଼ିଲା । ଦୁର୍ଦ୍ଦଶାଗ୍ରସ୍ତ ଓଡ଼ିଆ ଜାତି କ୍ରମେ ବହୁ ବାଧାବିଘ୍ନ, ଘଟଣା ଦୁର୍ଘଟଣା ଦେଇ ଗତି କରିଥିଲା । ଓଡ଼ିଶାର ସ୍କୁଲମାନଙ୍କରୁ ଓଡ଼ିଆ ଭାଷା ଉଠାଇଦେଇ ବଙ୍ଗଳା ଭାଷାର ପ୍ରବର୍ତ୍ତନ ଦ୍ୱାରା ଓଡ଼ିଶାକୁ ଧୀରେ ଧୀରେ ବଙ୍ଗ ପ୍ରଦେଶରେ ସାମିଲ କରିବାର ବିରାଟ ଚକ୍ରାନ୍ତ ହୋଇଥିଲା । ସେହିପରି ତେଲୁଗୁମାନେ ଦକ୍ଷିଣ ଓଡ଼ିଶାରେ ଆଧିପତ୍ୟ ବିସ୍ତାର ପାଇଁ ମସୁଧା କରିଥିଲେ । ୧୮୯୫ରେ ସମ୍ବଲପୁରରେ ହିନ୍ଦୀକୁ ସରକାରୀ କାର୍ଯ୍ୟ ଓ ଶିକ୍ଷାର ମାଧ୍ୟମ କରାଯାଇଥିଲା । ଏହି ପରିସ୍ଥିତିରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଲକ୍ଷ୍ୟ ହାସଲ ପାଇଁ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠିତ ହୋଇଥିଲା । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱ ତଥା ବହୁ ରାଜା ଓ ଜମିଦାରଙ୍କ ସହଯୋଗରେ ଭାଷା ଆନ୍ଦୋଳନ ତୀବ୍ରତର ହୋଇଥିଲା । ଶେଷରେ ଜନ୍ମ ନେଇଥିଲା ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶା ।

### ଗାରିମାମୟ କଳା ଓ ସଂସ୍କୃତି

କୋଣାର୍କର ଶିଳ୍ପକଳା, କଟକର ତାରକସି କାମ, ପିପିଲିର ଚାନ୍ଦୁଆ, ମାଣିଆବନ୍ଧ ପାଟ, ସମ୍ବଲପୁରୀ ଶାଢ଼ି ଆଦି ସବୁ କାହାଣୀ ହୋଇ ରହିଛି । କଳାର ଉତ୍କର୍ଷ ଦୃଷ୍ଟିରୁ ଓଡ଼ିଶାର ଅନ୍ୟ ନାମ ଉତ୍କଳ ବୋଲି ଖ୍ୟାତ ହୋଇଥିଲା । ଦିଗ୍‌ବିଜୟୀ ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧରେ ଓଡ଼ିଆଙ୍କ ବୀରତ୍ୱର ପାଦ ତଳେ ନିଜର ପରାଜୟ ସ୍ୱୀକାର କରିଥିଲେ । ଓଡ଼ିଆ ସମ୍ରାଟ ମହାମେଘବାହନ ଖାରବେଳଙ୍କ ଅନନ୍ୟ ବୀରତ୍ୱ ଓ ଉଦାରତା ଆଜି ବିସ୍ମୃତ। ଉତ୍କଳର ଗଜପତି ପୁରୁଷୋତ୍ତମ ଦେବଙ୍କ ସମ୍ମାନାର୍ଥେଁ ନିଜେ ସ୍ୱୟଂ ଜଗନ୍ନାଥ କାଞ୍ଚି ଅଭିଯାନରେ ପାଇକ ସାଜିଥିବାର କାହାଣୀ କିମ୍ବଦନ୍ତୀ ଓଡ଼ିଆମାନେ ଭୁଲିଗଲେଣି । ଭାରତର ଅନ୍ୟାନ୍ୟ ପ୍ରଦେଶ ଇଂରେଜ ଅଧୀକୃତ ଥିବାବେଳେ ଓଡ଼ିଶା ତା'ର ବୀରତ୍ୱ ପାଇଁ ବହୁ ପଛରେ ଅର୍ଥାତ ୧୮୦୩ ମସିହାରେ ପରାଧୀନତା ସ୍ୱୀକାର କରିଥିଲା । ଏସବୁ ଆଜି ଇତିହାସ ହୋଇରହିଛି । ସେହିପରି ଓଡ଼ିଆ ସାହିତ୍ୟ ଯେଭଳି ପ୍ରାଚୀନ, ସେଭଳି ସମୃଦ୍ଧିଶାଳୀ। ମନ୍ଦିର ଆଉ ମୂର୍ତ୍ତିକଳାରେ ଭାସ୍କର୍ଯ୍ୟ ଜୀବନ୍ତ ଆଉ ଆଶ୍ଚର୍ଯ୍ୟଚକିତ ପ୍ରଦାନ କଲାଭଳି ଏହାର ଭାଷା, କଳା, ସଂସ୍କୃତି, ଭାସ୍କର୍ଯ୍ୟ, ଖାଦ୍ୟପେୟ, ଐତିହ୍ୟ, ପର୍ବପର୍ବାଣୀ, ଯାନିଯାତ୍ରା ଅନନ୍ୟ ଓ ଅସାଧାରଣ।

### ପଖାଳ ଆମ ଜୀବନ

ପଖାଳ ସାଙ୍ଗକୁ ଶାଗ, ଆମ୍ବଚଟଣି କି ବଡ଼ିଚୂରା ନ ହେଲେ ଆମ୍ବୁଲ ଫଡାଏ ପାଣି କରିଦେଲେ ତା' ସହିତ କୋଉ ବିଦେଶୀ ବ୍ୟଞ୍ଜନ ସରି ହେବ । ଓଡ଼ିଆଙ୍କ ଆରାଧଦେବତା ଛପନଭୋଗୀ। ଷାଠିଏ ପଉଟି ଭୋଜନରେ ପ୍ରୀତ ହୁଅନ୍ତି କାଳିଆ ଠାକୁର। ସେହିପରି ଓଡ଼ିଆଙ୍କ ହାଣ୍ଡିଶାଳରେ ଭଳିକି ଭଳି ବ୍ୟଞ୍ଜନ ତିଥି, ପର୍ବ ଓ ବାର ଅନୁଯାୟୀ ବଦଳୁଥାଏ। ଖାଦ୍ୟ ବିବିଧତା ଓଡ଼ିଆଙ୍କ ଠାରୁ ଆଉ କେଉଁ ଜାତି ଭଲା ଅଧିକ ଜାଣିଛି। ଓଡ଼ିଆଙ୍କ ରାଇ ବେସର, ଆମ୍ବିଳ, ମହୁର , ଡ଼ାଲମା, ଭଳିକି ଭଳି ପିଠା ପଣା ଅନନ୍ୟ। ଆମ ଭାଷା ସାହିତ୍ୟର ପଟାନ୍ତର ନାହିଁ। କବିସମ୍ରାଟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ସ୍ୱଭା କବି ଗଙ୍ଗାଧର ମେହେର, କଥା ସମ୍ରାଟ ଫକୀର ମୋହନ ସେନାପତି, ରାଧାନାଥ ରାୟ,ପଣ୍ଡିତ ଗୋପବନ୍ଧୁ ଦାସ,ସତ୍ୟବାଦୀର ମହାମନିଷୀ ନୀଳକଣ୍ଠ ଦାଶ, ଗୋଦାବରୀଶଙ୍କ କାଳଜୟୀ ସାହିତ୍ୟ ଏ ଜାତିର ଭାଷା ଭଣ୍ଡାରକୁ ଅମୂଲମୂଲ ଦେଇଛି। ଯେଉଁ ଭାଷା ଆମକୁ ପରିଚୟ ଦେଇଛି, ଆସନ୍ତୁ ସେହି ଭାଷାର ଜୟଗାନ କରିବା। ବନ୍ଦେ ଉତ୍କଳ ଜନନୀ।

### ଓଡ଼ିଆ ଭାଷା ପ୍ରତି ଗୁରୁତ୍ୱ ରହୁ

୧୯୩୬ ମସିହାରେ ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । ତେଣୁ ଭାଷାଭିତ୍ତିକ ଏକତ୍ୱ ପାଇଁ ଯେଉଁ ଆନ୍ଦୋଳନ ହୋଇଥିଲା, ବର୍ତ୍ତମାନ ସେହି ଭାଷା ପ୍ରତି ଗୁରୁତ୍ୱ କମି କମି ଯାଉଛି । ୮୭ ବର୍ଷ ପରେ ବି ଆମେ ଆମର ସମୃଦ୍ଧ ଏହି ଭାଷାର ବ୍ୟବସାୟିକ ଓ ବୈଷୟିକ ମୂଲ୍ୟ ଦେଇ ପାରିଲେ ନାହିଁ। ଓଡ଼ିଆ ସ୍କୁଲ୍ ଭୁଶୁଡି ପଡିଥିବା ବେଳେ କଲେଜ ଶିକ୍ଷାର ମାଧ୍ୟମ ପାଲଟିଛି ଇଂରାଜୀ। ସରକାରୀ କ୍ଷେତ୍ରରେ ଓଡ଼ିଆ ଭାଷାର ପ୍ରୟୋଗକୁ ଆଜି ପର୍ଯ୍ୟନ୍ତ ସମସ୍ତେ ଗ୍ରହଣ କରିପାରୁ ନାହାନ୍ତି । ସୀମାନ୍ତରେ ହଜିଯାଉଛି ମାତୃଭାଷା ଓଡ଼ିଆ ଏବଂ ପେଟ ପାଇଁ ଖୁବ କମ ଦରମାରେ ଭିଟା ମାଟି ଛାଡି ଦେଶାନ୍ତରୀ ହେଉଛି କୁଶଳୀ ଓଡ଼ିଆ। ସେହିପରି ସାକ୍ଷୀଗୋପାଳ ପାଖରେ ହେବାକୁ ଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର କାମ ମଧ୍ୟ ଶେଷ ହୋଇ ପାରୁନାହିଁ । ଯେଉଁ ପୃଷ୍ଠଭୂମି ଉପରେ ଆମେ ସ୍ୱତନ୍ତ୍ର ରାଜ୍ୟ ଗଠନ କଲେ । ସେହି ଭାଷା ପ୍ରତି ଆମର ଗୁରୁତ୍ୱ ରହିବା ଦରକାର । ଏବେକାର ଯୁବପିଢ଼ୀମାନେ ଓଡ଼ିଆ ଭାଷା ପ୍ରତି ବିମୁଖ ହେଉଛନ୍ତି । ଏବେ ବି ବହୁ ଓଡ଼ିଆ ଅଞ୍ଚଳ ଆନ୍ଧ୍ରପ୍ରଦେଶ, ଛୋଟନାଗପୁର, କଳାହାଣ୍ଡି ସୀମା, ସମ୍ବଲପୁର ସୀମା, ବଙ୍ଗଳାରେ ରହିଯାଇଛି । ଏଭଳି ବିଚ୍ଛିନ୍ନାଞ୍ଚଳରେ ରହୁଥିବା ପିଲାମାନଙ୍କୁ ଓଡ଼ିଆ ସ୍କୁଲରେ ଓଡ଼ିଆ ପୁସ୍ତକ ଦେଇ ଶିକ୍ଷା ପ୍ରଦାନ କରିବା ଦରକାର । ମଧୁବାବୁ, ଗୋପବନ୍ଧଙ୍କ ଭଳି ମହାପୁରୁଷମାନେ ଯେଉଁଭଳି ଓଡ଼ିଶା ଗଠନର ସ୍ୱପ୍ନ ଦେଖିଥିଲେ ତାହା ପୂରଣ ହୋଇ ପାରିନାହିଁ ।

### ଓଡ଼ିଆକୁ ହତାଦର

ଆମେ ଓଡ଼ିଆ ବୋଲି ପରିଚୟ ଦେବାକୁ ଏବେ କେତେକ କ୍ଷେତ୍ରରେ ଆମକୁ କୁଣ୍ଠା ଲାଗୁଛି । କେହି ଆମକୁ 'ଓଡ଼ିଆ' କହିଦେଲେ ଆମ ମନ ଭିତରେ କେମିତି ଗୋଟାଏ ନ୍ୟୁନମନ୍ୟତା ଛାଏଁ ଛାଏଁ ସୃଷ୍ଟି ହୋଇଯାଉଛି । ଆପଣା ଲୋକ ସହ କଥା ହେବାବେଳେ ଇଂରାଜୀରେ ଦି'ପଦ କହିଦେଲେ ଆମେ ନିଜକୁ କୃତ୍ୟ କୃତ୍ୟ ମଣୁଛୁ । କେହି ଓଡ଼ିଆକୁ ଗୋଟିଏ ବିଷୟ ନେଇ ପାଠ ପଢ଼ିଲେ ଭିନ୍ନ ଭାଷା ନେଇ ପଢୁଥିବା ସହପାଠୀମାନେ ନାକ ଟେକୁଛନ୍ତି । ଅନ୍ୟପକ୍ଷରେ ଓଡ଼ିଆ ବିଷୟ ନେଇ ଉଚ୍ଚ ଶିକ୍ଷା ପାଇଥିବା ଛାତ୍ରଟି ପାଇଁ ସେମିତି କିଛି ଆଖିଦୃଶିଆ କର୍ମସଂସ୍ଥାନର ବ୍ୟବସ୍ଥା ନାହିଁ । ସବୁଠି ଯେମିତି ଓଡ଼ିଆକୁ ହତାଦର । ଏ ସବୁକୁ ବଦଳାଇବାକୁ ପଡିବ । ଆମ ମାତୃଭାଷାକୁ ଆମକୁ ପ୍ରାଥମିକତା ଦେବାକୁ ପଡିବ । କାରଣ ଭାଷା ବଞ୍ଚିଲେ ହିଁ ଆମେ ବଢ଼ି ପାରିବା ।

### ବାର ମାସରେ ତେର ଯାତ୍ରା

ଓଡ଼ିଶାର ସଂସ୍କୃତି ନିଆରା। ଏଠି ବାରମାସରେ ଆୟୋଜିତ ହୁଏ ତେରପର୍ବ। ଭକ୍ତକୁ ଦର୍ଶନ ଦେବା ପାଇଁ ମହାବାହୁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ। ଆୟୋଜିତ ହୁଏ ଓଡ଼ିଆ ଜାତିର ମହାନାୟକଙ୍କ ରଥଯାତ୍ରା। କୃଷିଭିତ୍ତିକ ରଜପର୍ବ ନିଆରା ଓ ଓଡ଼ିଶାର ନିଜସ୍ୱ ପର୍ବ। ଆଧୁନିକତାର ପ୍ରଭାବରେ ଅନେକ ପର୍ବ ଫିକା ପଡିଥିବାବେଳେ ଓଡ଼ିଶାର ଏହି ନିଜସ୍ୱ ପର୍ବରେ ମଜା ନିଆରା। ପୋଡ଼ପିଠା, ରଜପାନ ଓ ଦୋଳି ଖେଳରେ ଗାଁ ଦାଣ୍ଡ ଉତ୍ସବମୁଖର ହୋଇଉଠେ। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦ ବିମାନରେ ସାହି ପରିକ୍ରମା କରନ୍ତି। ରଙ୍ଗର ପର୍ବରେ ରଙ୍ଗୀନ ହୁଏ ମନ ଆଉ ଦେହ। ନୂଆ ପାଞ୍ଜି ପ୍ରଚଳନ ହୁଏ। ଦଶହରା ଦୁର୍ଗାପୂଜା କେବଳ କଟକ ଭୁବନେଶ୍ୱରରେ ସୀମିତ ନୁହଁ। ରାଜ୍ୟସାରା ସବୁଠି ଏହି ପର୍ବ ପାଇଁ ଉତ୍ସହ ଥାଏ। ରଘୁରାଜପୁର ଓ ଓଳକଣା ମେଳଣ ଓ ଜମାଣରେ ଏବେ ବି ସରସତା ଅନୁଭବ କରାଯାଏ। ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ଯାତ୍ରା ସାଙ୍ଗକୁ ଗଞ୍ଜାମର ପ୍ରସିଦ୍ଧ ଦଣ୍ଡଯାତ୍ରା ଓ ମୟୁରଭଞ୍ଜର ନିଆରା ଉଡାପର୍ବ ଓଡ଼ିଶାର ପର୍ବପର୍ବାଣିର ଗାଥା ଗାଏ।

Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ